୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.93 Bhubaneswar Saturday May 18 2024 | ୨୬ତମ ବର୍ଷ ସଂଖ୍ୟା–୯୩ ଭୁବନେଶ୍ୱର, ଶନିବାର, ମଇ ୧୮, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ୟେ କ'ଣ ଓଡିଆ ଅସ୍ମିତା: ତ୍ରୁଟି ଉଦ୍ଦେଶ୍ୟମୂଳକ ନୁହେଁ ତ ସେବେ 'କଣ୍ଠ କବି' ଏବେ 'ସନ୍ଥ କବି'

ଭୁବନେଶ୍ୱର, ୧୭।୫(ପି.ଏନ): ଚଳିତ ନିର୍ବାଚନ ରଣାଙ୍ଗନରେ 'ଓଡିଆ ଅସ୍ମିତା'କୁ ଦୁଇ ପ୍ରମୁଖ ଦଳ ବିଜେପି ଓ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିଛନ୍ତି । ବିଜେପି ଅଧିକ ଆକ୍ରଣାତ୍ମକ ଶୈଳୀରେ 'ଓଡିଆ ଅସ୍ମିତା ଓ ସମ୍ମାନ'କୁ ନେଇ ଲୋକଙ୍କ ପାଖକୁ ଯାଉଛି । ଆଉ ଏପଟେ ଆଂଚଳିକ ଦଳ ବିଜେଡିର ନିର୍ବାଚନୀ ପ୍ରଚାର ମଙ୍ଗ ଧରିଥିବା ଭିକେ ପାଣ୍ଡିଆନ ଓଡିଆ ଅସ୍ମିତାକୁ କୁଠାରଘାତ କରିବା ଭଳି କାର୍ଯ୍ୟ କରିବାକୁ ପଛାଉନାହାନ୍ତି । ନିର୍ବାଚନକୁ ଦୃଷ୍ଟିରେ ରଖି ଦୀର୍ଘ ଅଢେଇ ଦଶନ୍ଧି ମଧ୍ୟରେ ପ୍ରଥମଥର ସରକାରୀସ୍ତରରେ 'ବିଶ୍ୱ ଓଡିଆ ସମ୍ମିଳନୀ'ର ଆୟୋଜନ କରି ସେଥିରେ ଓଡିଶାର ବରପୁତ୍ରଙ୍କୁ (କାନ୍ତକବିଙ୍କୁ କଣ୍ଠକବି ସମ୍ବୋଧନ) ଅସମ୍ମାନିତ କରିବା ଘଟଣାକୁ ରାଜ୍ୟବାସୀ ଭୁଲିନଥିବାବେଳେ ଏବେ ପାଣ୍ଡିଆନ ସମ୍ବଲପୁର ମାଟିରେ ଠିଆ ହୋଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ 'ସନ୍ଥ କବି' ଭାବେ ସମ୍ବୋଧିତ କରିବା ଓ ସେଥିପାଇଁ ଅନୁତାପ ନକରିବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ସୂଚନା ଅନୁସାରେ, ଆଜି ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ବିଜେଡି ନେତା ଭିକେ ପାଣ୍ଡିଆନ ଓଡିଶାର ବରପୁତ୍ର 'ସନ୍ଥକବି ଭୀମଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେର'ଙ୍କୁ ଅପମାନ କରିବାକୁ ପଛାଇ ନାହାନ୍ତି । ଏହି ଦୁଇ ବରପୁତ୍ରଙ୍କ ପାଇଁ ସମ୍ବଲପୁର ମାଟି ସହ ସମଗ୍ର ଓଡିଶା ଗର୍ବ କରେ । କିନ୍ତୁ ଗଙ୍ଗାଧର ମେହେରଙ୍କୁ 'ସନ୍ଥ କବି' ଏବଂ ଭୀମଭୋଇଙ୍କୁ ଖାଲି 'କବି' କହି ପାଣ୍ଡିଆନ ଓଡିଆଙ୍କ ଆତ୍ମସମ୍ମାନ ଓ ଅସ୍ମିତାକୁ କୁଠାରଘାତ କରିବାକୁ ପଛାଇନାହାନ୍ତି । ଗଣମାଧ୍ୟମରେ ଏହି ଚର୍ଚ୍ଚା ଓ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଲାପରେ ବି ପାଣ୍ଡିଆନ ନିଜର ବୟାନକୁ ନେଇ ଦୁଃଖ ବ୍ୟକ୍ତ କରିନାହାନ୍ତି । ତା'ଛଡା ୨୫ବର୍ଷର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଓଡିଶାର ବରପୁତ୍ରମାନଙ୍କୁ ପାଣ୍ଡିଆନ ଏଭଳି ଅସମ୍ମାନ କରିଥିଲେ ମଧ ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କ ଦଳ କୌଣସି ସ୍ପଷ୍ଟୀକରଣ ଦେବାକୁ ଆଗ୍ରହ ଦେଖାଇନାହାନ୍ତି ।



## ବିଜେଡି ନେତା ଦୈତାରିକୁ ଫାଶି ଦିଆଯାଉ, ନହେଲେ ମୁଁ ତାକୁ ହାଣିବ

ଭୁବନେଶ୍ୱର, ୧୭।୫(ପି.ଏନ): ବିଜେଡି ନେତା ଦୈତାରି ବେହେରାକୁ ଫାଶି ଦିଆଯାଉ। ନହେଲେ ମୁଁ ତାକୁ ମାରିଦେବି...। ସ୍ୱାମୀ ହତ୍ୟାକାଣ୍ଡର ଦୁଇ ଦିନ ପରେ ଛଳ ଛଳ ଆଖିରେ ଆଜି ଏମିତି କହିଛନ୍ତି ମୃତ ଦିଲ୍ଲୀପ ପାହାଣଙ୍କ ପତ୍ନୀ ସାବିତ୍ରୀ। ଦୈତାରି ହେଉଛନ୍ତି ଖଲ୍ଲିକୋଟ ବିଧାୟକ ସୂର୍ଯ୍ୟମଣୀ ବୈଦ୍ୟଙ୍କ ସ୍ୱାମୀ। ଦିଲ୍ଲୀପ ଓ ତାଙ୍କ ବାପା ପୂର୍ବରୁ ବିଜେଡିରେ ଥିଲେ। ବିଧାୟକ ସୂର୍ଯ୍ୟମଣି ବୈଦ୍ୟଙ୍କ ପାଖ ଲୋକ ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ଦିଲ୍ଲୀପ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। ତାଙ୍କ ପରାଜୟରେ ବିଧାୟକ ସୂର୍ଯ୍ୟମଣିଙ୍କ ସ୍ୱାମୀ ଦୈତାରିଙ୍କ ହାତ ଥିବା ଅଭିଯୋଗ ହୋଇଥିଲା। ଯେଉଁଥିପାଇଁ ଦିଲ୍ଲୀପ ଓ ବିଧାୟକଙ୍କ ସ୍ୱାମୀଙ୍କ ମଧ୍ୟରେ ଶିତଳ ଯୁଦ୍ଧ ଚାଲିଥିଲା। ସୂର୍ଯ୍ୟମଣି ପୁଣି ଥରେ ବିଜେଡି ପ୍ରାର୍ଥୀ ହେବା ପରେ ଦିଲ୍ଲୀପ ବିଜେପି ମିଶିଥିଲେ। ସେହି ରାଗରେ ତାଙ୍କୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି।



## ବିଷକ୍ରିୟାରେ ଦମ୍ପତିଙ୍କ ମୃତ୍ୟୁ

ପାତ୍ରପୁର, ୧୭।୫(ପି.ଏନ): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତର ପାଞ୍ଚଆମ୍ବଗାଁରେ ଏକ ଦୁଃଖ ଘଟଣା ଘଟିଛି। ଗାଁରେ ରହୁଥିବା ଏକ ବୃଦ୍ଧ ଦମ୍ପତିଙ୍କ ବିଷକ୍ରିୟାରେ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଧୋବା ପ୍ରଧାନ(୭୦) ଓ ପତ୍ନୀ କୁନ୍ତଳା ପ୍ରଧାନ(୫୫)। ଏହି ଘଟଣା ଅଞ୍ଚଳରେ ଶୋକର ବାତାବରଣ ସୃଷ୍ଟି କରିଛି।ସୂଚନା ଅନୁସାରେ ଧୋବା ଓ ତାଙ୍କ ପତ୍ନୀ ଘରେ ଏକୁଟିଆ ରହୁଥିଲେ। ତାଙ୍କର ପୁଅ ଅନ୍ୟତ୍ର ଘର କରି ରହୁଛନ୍ତି। ଧୋବା ବହୁ ଆର୍ଥିକ ଅଭାବ ସମସ୍ୟା ଦେଇ ଗତି କରୁଥିଲେ। ବୟସ ହୋଇ ଯାଇଥିବାରୁ ସେ କାମଧନ୍ଦା ମଧ୍ୟ କରିପାରୁ ନଥିଲେ। ଏପଟେ ପୁଅ ପାଖରେ ରହୁ ନଥିବାରୁ ସମସ୍ୟା ଆହୁରି ବଢ଼ିଥିଲା।ତେବେ ଆଜି ହଠାତ୍ ସ୍ୱାମୀ-ସ୍ତ୍ରୀ ଗୁରୁତର ଅବସ୍ଥାରେ ଘରେ ପଡିଥିବା ପଡୋଶୀ ଖବର ପାଇଥିଲେ। ସ୍ୱାମୀ ଧୋବାଙ୍କ ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ପାତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଅପରାହ୍ଣରେ ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପତ୍ନୀ କୁନ୍ତଳାଙ୍କ ଅବସ୍ଥା ମଧ ସେତେଟା ଭଲ ନଥିଲା। କିନ୍ତୁ ସେ ଡାକ୍ତରଖାନା ଯାଇ ନଥିଲେ। ସ୍ୱାମୀଙ୍କୁ ହରାଇ ସେ ଆହୁରି ଭାଙ୍ଗି ପଡିଥିଲେ। ପଡୋଶୀ ଲୋକ ଧୋବାଙ୍କ ଅନ୍ତିମ ସଂସ୍କାର ସାରି ଗାଁକୁ ଫେରିବା ପରେ ରାତିରେ ପତ୍ନୀ କୁନ୍ତଳାଙ୍କ ମୃତ୍ୟୁ ଘଟିଥିଲା। ତେବେ ବିଷକ୍ରିୟା ଯୋଗୁଁ ଉଭୟଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

## ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀ ଅଫିସରେ ଅଗ୍ନିକାଣ୍ଡ

ବାଲେଶ୍ୱର, ୧୭।୫(ପି.ଏନ): ଫାଇନାନ୍ସ କମ୍ପାନୀ ଅଫିସରେ ନିଆଁ ଲାଗିବା ଘଟଣା ସାମ୍ନାକୁ ଆସିଛି । ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀ ଅଫିସରେ ଅଗ୍ନିକାଣ୍ଡ ଘଟିବା ଜଣାପଡିଛି । ଏହି ଅଫିସଟି ବାଲେଶ୍ୱରର ରେମୁଣା ଭୀମପୁର ଛକରେ ଅବସ୍ଥିତ । ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି । ନିଆଁକୁ ଆୟତ୍ତ କଲେ ଅଗ୍ନିଶମ ବାହିନୀ କର୍ମଚାରୀ । ତେବେ ଏହି ଅଗ୍ନିକାଣ୍ଡରେ ଗୁରୁତ୍ୱପୂର୍ଣ୍ଣ କାଗଜ ପୋଡିଯାଇଛି ବୋଲି ସୂଚନା ମିଳିଛି ।

## ନିୟନ୍ତ୍ରଣ ହରାଇ ଡିଭାଇଡରକୁ ଧକ୍କାଦେଲା ବୋଲେରୋ: ୧୦ ଜଣ ଗୁରୁତର

ଭୁବନେଶ୍ୱର, ୧୭।୫(ପି.ଏନ): ଘଟିଯାଇଛି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଭାରସାମ୍ୟ ହରାଇ ଏକ ବୋଲେରୋ ଡିଭାଇଡରରେ ପିଟିହେବା ଫଳରେ ୧୦ ଜଣ ଗୁରୁତର ହୋଇଛନ୍ତି । ସମସ୍ତ ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବାଲେଶ୍ୱରରୁ ରାଉରକେଲା ଅଭିମୁଖେ ଯାତ୍ରା କରୁଥିବା ସମୟରେ ଧାନ ଘର ନିକଟରେ ଏଭଳି ଅଘଟଣ ଘଟିଥିଲା । ସୁନ୍ଦରଗଡ ଜିଲ୍ଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ତେବେ ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଡ୍ରାଇଭରଙ୍କ ଆଖି ଲାଗିଯିବା ଫଳରେ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ।

## ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ, ଜାମିନ ପାଇଁ ଟ୍ରାଏଲ କୋର୍ଟ ଯାଇପାରିବେ କେଜ୍ରିଓ୍ୱାଲ

ଭୁବନେଶ୍ୱର, ୧୭।୫(ପି.ଏନ):ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ହୋଇଥିବା ଗିରଫଦାରୀ ବିରୋଧରେ ଅରବିନ୍ଦ କେଜ୍ରିଓ୍ୱାଲ କରିଥିବା ଆବେଦନର ଶୁଣାଣି ଆଜି ସୁପ୍ରିମକୋର୍ଟ କରିଛନ୍ତି। ଏହି ସମୟରେ କେଜ୍ରିଓ୍ୱାଲଙ୍କ ଓକିଲ ଅଭିଷେକ ମନୁସିଂଘଭୀ ଦମଦାର ଯୁକ୍ତି ଉପସ୍ଥାପନ କରିଛନ୍ତି ।ଯୁକ୍ତି ଶୁଣିବା ପରେ ସର୍ବୋଚ୍ଚ ଅଦାଲତନ ଇଡିକୁ ନୂଆ ତଥ୍ୟ ସବୁ ଆଣିବାକୁ କହିଛନ୍ତି। ଆଜି ସୁପ୍ରିମକୋର୍ଟ ଆବେଦନ ଉପରେ ରାୟ ସଂରକ୍ଷିତ ରଖିଛନ୍ତି ସତ କିନ୍ତୁ କେଜ୍ରିଓ୍ୱାଲଙ୍କୁ ତଳ କୋର୍ଟରେ ନିୟମିତ ଜାମିନ ଆବେଦନ କରିବାକୁ ଅନୁମତି ଦେଇଛନ୍ତି ।ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ଇଡି ଦେଇଥିବା ଲିଖିତ ତଥ୍ୟକୁ ପଢ଼ିଥିଲେ। ଏହାପରେ ଦିଲ୍ଲୀ ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଗିରଫଦାରୀ ପରେ ଆଉ କ'ଣ ସବୁ ନୂଆ ପ୍ରମାଣ ମିଳିଛି, ସେସବୁ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆ ତଥ୍ୟ ଆଧାରରେ ଇଡି କେଜ୍ରିଓ୍ୱାଲଙ୍କୁ ଗିରଫ କରିଥିବା ଦାବି କରୁଥିବାରୁ ସୁପ୍ରିମକୋର୍ଟ ଏପରି କହିଛନ୍ତି ।ଇଡି ମାର୍ଚ୍ଚ ୨୧ରେ କେଜ୍ରିଓ୍ୱାଲଙ୍କୁ ଗିରଫ କରିଥିଲା। ତେବେ ଦେଶରେ ଲୋକସଭା ନିର୍ବାଚନ ଚାଲିଥିବାରୁ ମେ' ୧୦ରେ ୨୧ ଦିନ ପାଇଁ ସୁପ୍ରିମକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି। ହେଲେ ସେ ଇଡିର ଗିରଫଦାରୀକୁ ଚ୍ୟାଲେଞ୍ଜ କରିଥିବା ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ଚାଲିଛି।



## ଦଳ ବିରୋଧୀ କାର୍ଯ୍ୟ ଓ ଅନୁଶାସନ ଭଙ୍ଗ ଅଭିଯୋଗରେ ବିଜେପିରୁ ବିଜୟ ମହାପାତ୍ର ବହିଷ୍କୃତ

ଭୁବନେଶ୍ୱର. ୧୭।୫(ପି.ଏନ): ବରିଷ୍ଠ ନେତା ବିଜୟ ମହାପାତ୍ର ଭାରତୀୟ ଜନତା ପାର୍ଟି (ବିଜେପି)ରୁ ବହିଷ୍କୃତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଓ ଅନୁଶାସନ ଭଙ୍ଗ ଅଭିଯୋଗରେ ବିଜୟଙ୍କୁ ବିଜେପି ବହିଷ୍କାର କରିଛି। ବିଜୟ ମହାପାତ୍ର ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ଚଳିତ ବିଧାନସଭା ନିର୍ବାଚନରେ ବିୟଜଙ୍କ ପୁଅ ଅରବିନ୍ଦ ମହାପାତ୍ର ପାଟକୁରା ଆସନରୁ ବିଜେଡି ଟିକେଟରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ଶାରଦା ପ୍ରଧାନ ଓ ରାକେଶ ମଲ୍ଲିକଙ୍କୁ ମଧ୍ୟ ବିଜେପି ବିଦା କରିଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଉଭୟଙ୍କୁ ବହିଷ୍କାର କରାଯାଇଛି। ମାହାଙ୍ଗାର ଶାରଦା ପ୍ରଧାନ ଓ ସୋରର ରାକେଶ ମଲ୍ଲିକ ଟିକେଟ ନପାଇବାରୁ ଚଳିତ ନିର୍ବାଚନରେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ପୁଣି ଫେରିଲା ତାତି; ୨୦ ଓ ୨୧ରେ ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର, ୧୭।୫(ପି.ଏନ): ପୁଣି ଫେରିଲା ହିଟୱେଭ। ଅସମ୍ଭାଳ ହେବ ତାତି। ଆସନ୍ତା ୨୦ ଓ ୨୧ ତାରିଖରେ ରାଜ୍ୟର କିଛି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୨୦ ତାରିଖରେ ୬ ଜିଲ୍ଲା ୨୧ ତାରିଖରେ ୧୪ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁସାରେ ଶନିବାର ଓ ରବିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର,ଖୋର୍ଦ୍ଧା, ପୁରୀ, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ଗୁଳୁଗୁଳି ଅନୁଭୂତି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।



## ଦଳର ପ୍ରଚାର ପାଇଁ ବିଜେଡି ଦଳର ମଙ୍ଗ ଧରିଲେ ବସନ୍ତ

ପାରାଦୀପ, ୧୭।୫(ପି.ଏନ): ବିଭିନ୍ନ କାରଣରୁ ନିର୍ବାଚନ ପରିପ୍ରେକ୍ଷୀରେ ପାରାଦୀପ ବିଧାନସଭା କ୍ଷେତ୍ର ଓ ପୌରାଞ୍ଚଳରେ ଶାନ୍ତ ପଡ଼ିଥିବା ବିଜେଡି ଦଳ ଗତ ୧୦ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ପରେ ଏବେ ସକ୍ରିୟ ହୋଇଉଠିଛି । ପାରାଦୀପ ପୌରାଞ୍ଚଳରେ ନିଷ୍କ୍ରିୟ ଥିବା ବିଜେଡି ସଂଗଠନ ର ମଙ୍ଗ ଧରିଲେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ । କର୍ମୀ ମାନଙ୍କ ଭିତରେ ଥିବା ତୀବ୍ର ଆସନ୍ତୋଷକୁ ବସନ୍ତ ସଫଳତାର ସହିତ ଗୋଟିଚାଳନା କରି କର୍ମୀ ଙ୍କ ମହଲରେ ନିଜକୁ ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇଛନ୍ତି କ୍ଷ ଧିରେ ଧିରେ ଏଠାରେ ବିଜେଡି ର ଶକ୍ତି ବୃଦ୍ଧି ହେଉଥିବା ଦେଖିବାକୁ ମିଳୁଛି । ବସନ୍ତ ବିଭିନ୍ନ ୱାର୍ଡ ବୁଲି ବିଜେଡି ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀ ଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବା ସପକ୍ଷରେ ଜୋରଦାର ପ୍ରଚାର କରୁଥିବା ଦେଖିବାକୁ ମିଳିଛି ।

## ଜଗନ୍ନାଥଙ୍କୁ ନେଇ ଯେଉଁମାନେ ରାଜନୀତି କରୁଛନ୍ତି ସେମାନଙ୍କର ପରାଜିତ ହୋଇସାରିଛି: ଭୃଗୁ ବକ୍ସିପାତ୍ର

ଭୁବନେଶ୍ୱର, ୧୭।୫(ପି.ଏନ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ନେଇ ଭାରତୀୟ ଜନତା ପାର୍ଟି (ବିଜେପିର)ର ବରିଷ୍ଠ ନେତାମାନେ ବାରମ୍ବାର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଏହାର ଜବାବ ରଖିଛନ୍ତି ବିଜେଡିର ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର। ସେ କହିଛନ୍ତି ଯେ, ୫୦୦ ବର୍ଷ ଧରି କୌଣସି ଲୋକ ଯେଉଁ କାମକୁ ସାହାସ କରି କରିପାରି ନଥିଲେ ତାହା ବିଜେଡି ସରକାର କରିଛି। ହେଲେ ଏହି ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିବାକୁ ଓଡିଶାର ବିଜେପି ନେତାମାନେ ଦିଲ୍ଲୀ ଯାଇ ଷଡଯନ୍ତ୍ର କରିଥିଲେ। ସବୁଠାରୁ ବଡ କଥା ହେଲଶ ଚଳିତ ବର୍ଷ ରଥଯାତ୍ରାରେ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଖୋଲାଯିବ। ଯାହା ପାଇଁ ସରକାର ସମସ୍ତ ବ୍ୟବସ୍ଥା କରି ସାରିଛନ୍ତି। ଏହାସହ ଜଗନ୍ନାଥଙ୍କୁ ନେଇ ଯେଉଁମାନେ ରାଜନୀତି କରୁଛନ୍ତି ସେମାନଙ୍କର ପରାଜିତ ହୋଇସାରିଛି। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବିଜେଡି ଓ ବିଜେପି ମେଣ୍ଟ ସରକାରରେ ବିଜେପି ନେତାମାନେ ମନ୍ତ୍ରୀ ଥିଲେ। ସେମାନେ ଦାବି କରି ରତ୍ନଭଣ୍ଡାର ଖୋଲାଇ ଦେଇ ନଥିଲେ। ବିଜେଡି ନେତା ଶ୍ରୀ ବକ୍ସିପାତ୍ର କହିଛନ୍ତି, ରାଜ୍ୟରେ ପୁଣି ବିଜେଡି ବହୁମତ ପାଇ ସରକାର ଗଠନ କରିବ। ଏହାକୁ ବିଜେପି ନେତାମାନେ ସହଜରେ ଗ୍ରହଣ କରିପାରୁନଥିବାରୁ କେନ୍ଦ୍ରୀୟ ନେତାମାନେ ଓଡିଶା ଆସି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଭିନ୍ନ ଭିନ୍ନ ମନ୍ତବ୍ୟ ଦେବାରେ ଲାଗିଛନ୍ତି। କେନ୍ଦ୍ର ବିଜେପି ନେତାମାନଙ୍କର ଓଡିଶା ବିଷୟରେ କୌଣସି ଜ୍ଞାନ ନାହିଁ। ତେଣୁ ଓଡିଶା ବିଜେପି ନେତା ଯାହା ଲେଖିକି ଦେଉଛନ୍ତି ତାହା ସେମାନେ ସଭାରେ କହୁଛନ୍ତି ।ସେହିଭଳି ବିଜେପିକୁ ଟାର୍ଗେଟ୍ କରି ଭୃଗୁ କହିଛନ୍ତି କି, ଓଡିଶା ବିକାଶରରେ ବିଜେପିର କୌଣସି ଅବଦାନ ନାହିଁ। ହେଲେ ରାଜ୍ୟ ସରକାରଙ୍କ ବିକାଶ କାମରେ ବିଜେପି ନେତାମାନେ ବାରମ୍ବାର ବାଧା ସୃଷ୍ଟି କରୁଛନ୍ତି। ନିଜେ ରାଜ୍ୟର ବିକାଶ ପାଇଁ କିଛି କରିବେ ନାହିଁ କି ଅନ୍ୟମାନଙ୍କୁ କରିବାର ସୁଯୋଗ ଦେବେ ନାହିଁ।

## ଦମ୍ଭୋକ୍ତି ଦେଖାଇଲେ ଶାହ: ୧୫ ଲୋକସଭା ଓ ୭୫ ବିଧାନସଭା ଆସନ ଜିତିବ ବିଜେପି

ଭୁବନେଶ୍ୱର, ୧୭।୫(ପି.ଏନ): ଓଡିଶାରେ ବିଜେପି ୨୧ଟି ଲୋକସଭା ଆସନରୁ ୧୫ଟିରେ ବିଜୟୀ ହେବ। ସେହିପରି ୧୪୭ଟି ବିଧାନସଭା ଆସନରୁ ୭୫ଟିରେ ଜିତିବ। ଆଜି ପୁଣି ଓଡିଶା ଗସ୍ତରେ ଆସି ଏହି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ।ରାଉରକେଲାର ନିର୍ବାଚନୀ ସଭାରେ ଯୋଗ ଦେଇ ଅମିତ ଶାହ କହିଛନ୍ତି, ଦେଶରେ ଅନୁଷ୍ଠିତ ହୋଇସାରିଥିବା ୪ଟି ପର୍ଯ୍ୟାୟ ନିର୍ବାଚନରେ ମୋଦିଜୀ ୨୭୦ ସିଟ୍ ଟପିଗଲେଣି। ଏଥର ମୋଦିଜୀ ୪ଶହ ପାର୍ କରିବେ ବୋଲି ସ୍ପଷ୍ଟ ଜଣାପଡିଲାଣି। କେନ୍ଦ୍ର ସହ ଓଡିଶାରେ ବି ବିଜେପି ସରକାର ଗଠନ ହେବ। ଓଡିଶାରେ ୧୫ରୁ ଅଧିକ ଲୋକସଭା ଆସନ ଜିତିବ ବିଜେପି। ସେହିପରି ୭୫ରୁ ଅଧିକ ବିଧାନସଭା ଆସନ ଜିତିବ। ଓଡିଶାରେ ନବୀନ ବାବୁଙ୍କୁ ହଟାଇ ବିକାଶର ଇଂଜିନ ଗଡିବ। ଓଡିଶାକୁ ନକ୍ସଲବାଦରୁ ମୁକ୍ତି କରିବା ପାଇଁ କାମ କରିଛନ୍ତି ମୋଦି। ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଗୌରବକୁ ପୁନଃ ପ୍ରତିଷ୍ଠା କରିବ ଏହି ନିର୍ବାଚନ।



## କାରଖାନାରେ ଫାଟିଲା ଗ୍ୟାସ: ନାବାଳିକା ସମେତ ୧୫ ଗୁରୁତର

ବାଲେଶ୍ୱର,(ପି.ଏନ): ବାଲେଶ୍ୱର ଜିଲ୍ଲା ପ୍ରବଣ କାରଖାନାରେ ବିଷାକ୍ତ ଗ୍ୟାସ ଲିକ ହୋଇଥିବା ଘଟଣା ସାମ୍ନାକୁ ଆସିଛି । ଏଥିରେ ୧୫ ଜଣ ଗୁରୁତର ହୋଇଛନ୍ତି । ଖବର ଅନୁସାରେ, ନୀଳଗିରି ସ୍ଥିତ ଗାଡିଆମାଳା ଠାରେ ଥିବା କାରଖାନାରେ ନାବାଳିକାଙ୍କ ସହ ଶ୍ରମିକମାନଙ୍କ ମୁଣ୍ଡବୁଲାଇ ଚେତା ଶୂନ୍ୟ ହୋଇଥିଲେ । ସେମାନଙ୍କୁ ତୁରନ୍ତ ସେଠାରୁ ଉଦ୍ଧାର କରି ନୀଳଗିରି କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଗ୍ୟାସ ଲିକ କେଉଁ କାରଣରୁ ହୋଇଥିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ତେବେ ଏହି ଘଟଣାର ତଦନ୍ତ ପୋଲିସ ପକ୍ଷରୁ ଜାରି ରହିଛି ।



## ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଅନୁରୋଧ କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ଭୁବନେଶ୍ୱର, ୧୭।୫(ପି.ଏନ): ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ କରିଥିଲେ। ବୈଠକ ପ୍ରାରମ୍ଭରେ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇବା ସହ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟରେ କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଓ ଏହା ଅଧିନରେ ଥିବା ୨୮ଟି ବିଧାନସଭା କ୍ଷେତ୍ରରେ ଉତ୍ସାହ ମଧ୍ୟରେ ହୋଇଥିବା ମତଦାନ ବିଷୟରେ ସୂଚିତ କରିଥିଲେ। ଏହି ପର୍ଯ୍ୟାୟରେ ହାରାହାରି ମତଦାନ ହାର ୭୫.୬୮ ପ୍ରତିଶତ ଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀ ସନ୍ତୋଷ ବ୍ୟକ୍ତ କରିଥିଲେ ।ସ୍ୱାଭିମାନ ଅଞ୍ଚଳଠୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ କିପରି ସବୁବର୍ଗର ମତଦାତାମାନେ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଥିଲେ ଶ୍ରୀ ଧଳ ସେ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା ଖଲିକୋଟଠାରେ ହୋଇଥିବା ପ୍ରାକ୍ନିର୍ବାଚନୀ ହିଂସା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଚିନ୍ତା ପ୍ରକଟ କରିଥିଲେ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ କୌଣସି ପ୍ରକାରର ଆଇନଶୃଙ୍ଖଳା ପରିସ୍ଥିତିକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ଏହି ବିଷୟରେ ଭାରତ ନିର୍ବାଚନ ଆୟୋଗ ଉଦ୍‌ବେଗ ପ୍ରକାଶ କରିଥିବା ଜଣାଇଥଲେ ।ଏହି ଅବସରରେ ଶାନ୍ତିଶୃଙ୍ଖଳା ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ସଖି ବୁଥରେ ମହିଳା ପୋଲିଂ ଏଜେଣ୍ଟ ଦେବା ପାଇଁ ରାଜନୈତିକ ଦଳମାନଙ୍କୁ ଅନୁରୋଧ କରିଥିଲେ। ଏହା ସହ ସମସ୍ତ ପୋଲିଂ ଏଜେଣ୍ଟମାନଙ୍କୁ "ପରିଚୟ ପତ୍ର' ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ ।ଏହି ଅବସରରେ ରାଜନୈତିକ ଦଳର ପ୍ରତିନିଧିମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସଦ୍‌ଇଚ୍ଛା ଓ ଉଦ୍ୟମ ପାଇଁ ସାଧୁବାଦ ଜଣାଇବା ସହ ଆଦର୍ଶ ଆଚରଣ ବିଧିର ଅନୁପାଳନପୂର୍ବକ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ନେଇ ମତପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି ମଧ ଉପସ୍ଥିତ ଥିଲେ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଗଳିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ ଝିଅଙ୍କୁ ଆଗକୁ ବଢ଼ିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢ଼ିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢ଼ାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢ଼ିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ବୁଦ୍ଧଂ ଶରଣଂ ଗଚ୍ଛାମି...

ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁଚିନ୍ତା, ବହୁ ବିଶ୍ୱାସ ଓ ଆଚରଣର ସମନ୍ୱୟ ଭିତରେ; ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ ।

ବସ୍ତୁତଃ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା କୌଣସି ଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ । ଏଣୁ ଭାରତୀୟ ଦର୍ଶନରେ ବେଦର ଆଧିପତ୍ୟକୁ ଅସ୍ୱୀକାର କରି ବୌଦ୍ଧ ଓ ଜୈନ ଦର୍ଶନ ଯେଭଳି ଜନାଦୃତ; ଅନୁରୂପ ଭାବରେ ସାଂଖ୍ୟ, ନ୍ୟାୟ, ବୈଶେଷିକ ଓ ଯୋଗ ସେହିପରି ପ୍ରାଧାନ୍ୟଲାଭ କରିଥାଏ । ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ ।

ଏ ପରିପ୍ରେକ୍ଷୀରେ କହିରଖେ; ଯେତେବେଳେ ଧାର୍ମିକ ତଥା ସାଂସ୍କୃତିକ ଭାବଧାରାକୁ ନେଇ ବିଭିନ୍ନ ବାଦାନୁବାଦ ଓ ମତବାଦ ମୁଣ୍ଡ ଟେକି ଉଠିଥିଲା, ସେତେବେଳେ ବୌଦ୍ଧଧର୍ମ ଓ ସଂସ୍କୃତିର ଆବିର୍ଭାବ ହୋଇଥିଲା । ମସ୍କରୀ ଗୋପଳ ନାମକ ଧର୍ମଗୁରୁଙ୍କ 'ସଂସାର ବିଶୁଦ୍ଧି ମାର୍ଗ' ଠାରୁ ଆରମ୍ଭ କରି ପୂର୍ଣ୍ଣ କାଶ୍ୟପଙ୍କ 'ଅକ୍ରିୟାବାଦ', ପକୁଧ କାଚ୍ଚାୟନଙ୍କ 'ଅଶ୍ୱାଶତବାଦ', ଚାର୍ବାକ୍‌ଙ୍କ 'ବିକ୍ଷେପବାଦ' ଭଳି ଦର୍ଶନ ଆମ ସାଂସ୍କୃତିକ ପୃଷ୍ଠଭୂମିକୁ ଆଚ୍ଛନ୍ନ କରି ରଖିବା ସହ ସନାତନବାଦୀ ବ୍ରାହ୍ମଣ ପଣ୍ଡିତମାନଙ୍କ ବୈଦିକ ପରମ୍ପରା ମାନବ ସମାଜକୁ ଜଟିଳତର କରି ରଖିଥିଲା । ଏସବୁ ଧର୍ମ ଓ ମତବାଦ ପରସ୍ପର ବିରୋଧି ଥିଲେ ହେଁ; ପ୍ରତ୍ୟେକ ଆର୍ଯ୍ୟ ପରମ୍ପରାଭିତ୍ତିକ ବୋଲି ଯୁକ୍ତ ବାଢ଼ିବା ଫଳରେ ଏକ ସାଂସ୍କୃତିକ ସଂକଟର ସମୟ ଆସି ଉପନୀତ ହୋଇଥିଲା । ଏଭଳି ଏକ ସଂକଟର ସନ୍ଧିକ୍ଷଣରେ ଗୌତମବୁଦ୍ଧଙ୍କର ଆର୍ବିଭାବ ।



ଏ ପରିପ୍ରେକ୍ଷୀରେ କହିରଖେ, ସେ ସମୟରେ ଭାରତବର୍ଷରେ ପ୍ରଚଳିତ ସଂସ୍କୃତ ଭାଷା ଜନସାଧାରଣଙ୍କ ଭାଷା ନଥିଲା । ସଂସ୍କୃତ ଭାଷାକୁ ସାଧାରଣ ଲୋକଙ୍କ ସ୍ତରକୁ ଆଣିବା ନିମନ୍ତେ ଆର୍ଯ୍ୟ ପଣ୍ଡିତମାନେ ମଧ୍ୟ ତତ୍ପର ନଥିଲେ । ତେଣୁ ଲୋକମୁଖରେ କଥିତ ପ୍ରାକୃତ ଭାଷା ଏଠାରେ ପ୍ରଚଳିତ ଥିଲା । ଗୌତମ ବୁଦ୍ଧ ମଧ୍ୟ ପ୍ରାକୃତ ଭାଷାକୁ ଧର୍ମପ୍ରଚାରର ମାଧ୍ୟମ ଭାବରେ ଗ୍ରହଣ କରିଥିଲେ । ଫଳସ୍ୱରୂପ ଗୌତମ ବୁଦ୍ଧଙ୍କ ଲବ୍‌ଧ ସତ୍ୟ ଲୋକାନୁଭବର ସ୍ତରକୁ ଆସି ପାରିଥିଲା । କ୍ରମେ ଗୌତମ ବୁଦ୍ଧ ପ୍ରତିଷ୍ଠିତ ହେଲେ । ପ୍ରାକୃତ ଭାଷା ମଧ୍ୟ ପ୍ରତିଷ୍ଠିତ ହେବା ସହ ବୁଦ୍ଧଙ୍କ ପ୍ରଚାରିତ ଧର୍ମ ମଧ୍ୟ ରାଜଧର୍ମ ହେବାକୁ ଆରମ୍ଭ କରିଥିଲା । ଅଙ୍ଗୁଳିମାଳା ଦସ୍ୟୁ, ଶାକ୍ୟ ରାଜପରିବାରର ନାପିତ ଉପାଳି, ବୈଶାଳୀର ଜନପଦ-ବଧୂ, ନର୍ତ୍ତକୀ ଅମ୍ବାପାଲି, ସମ୍ରାଟ ପ୍ରସେନଜିତ ଓ ବିମ୍ବିସାର ଆଦି ସମସ୍ତେ ଏ ଧର୍ମ କୋଳରେ ଆଶ୍ରୟ ନେଇଥିଲେ ।

ବହୁ ଧର୍ମରେ ପ୍ରଚଳିତ ଥିବା ଜଟିଳ ତତ୍ତ୍ୱରୁ ବୁଦ୍ଧ ଚାରୋଟି ସତ୍ୟ ଆବିଷ୍କାର କରିଥିଲେ । ଯଥା- (୧) ଦୁଃଖ ସତ୍ୟ (୨) ଏହାର କାରଣ ସତ୍ୟ (୩) ଏହାର ନିରୋଧ ହୋଇପାରିବା କଥାଟା ସତ୍ୟ (୪) ଏହି ଦୁଃଖ-ନିରୋଧର ଉପାୟ ମଧ୍ୟ ସତ୍ୟ ।

ଏଠି ପ୍ରଶ୍ନ ଉଠେ ଦୁଃଖ ପୁଣି କ'ଣ? ଏହାର ମଧ୍ୟ ଉତ୍ତର ଦେବାକୁ ଯାଇ ଗୌତମ ବୁଦ୍ଧ ଉଲ୍ଲେଖ କରିଛନ୍ତି- ସଂସାର ସହିତ ସମ୍ପର୍କରୁ ଦୁଃଖର ଜାତ । ଯଥା- ଜନ୍ମ, ବୃଦ୍ଧାବସ୍ଥା, ରୁଗ୍‌ଣାବସ୍ଥା, ମୃତ୍ୟୁ, ଇପ୍‌ସିତ ବସ୍ତୁଟିର ଅପ୍ରାପ୍ତି । କାରଣ ଇନ୍ଦ୍ରିୟ ଜନିତ ସୁଖର ବସ୍ତୁଟି ଅପସରି ଗଲେ ଦୁଃଖ ଆସିଥାଏ । ବୁଦ୍ଧଙ୍କ ମତରେ – ଜୀବନ ପ୍ରତି ଅତ୍ୟଧିକ ମୋହ ମଣିଷକୁ ସଂସାର ପ୍ରତି ଆକୃଷ୍ଟ କରାଏ । ତେଣୁ ସେ ବାରମ୍ବାର ଏ ସଂସାରରେ ଜନ୍ମ ନେଇ ଦୁଃଖ ଭୋଗ କରିଥାଏ । ଅତଏବ ଦୁଃଖ ହେଉଛି- ମଣିଷର ନିଜର ସୃଷ୍ଟ କାମନା ଓ ବାସନାରୁ ସମ୍ଭୂତ । ଏହାର ବିନାଶରେ ଦୁଃଖର ବିନାଶ । ଏହି କାମନା ଓ ବାସନାର ବିନାଶ ଲାଗି ଗୌତମ ବୁଦ୍ଧ ଏକ ପନ୍ଥା ଦେଖାଇଥିଲେ । ଯାହା ଅଷ୍ଟାଙ୍ଗ ମାର୍ଗ ଭାବେ ପ୍ରସିଦ୍ଧ । ଏଥିରେ ସମ୍ୟକ ଦର୍ଶନ, ଉତ୍ତମ ଅଭୀପ୍‌ସା, ଉତ୍ତମ କଥା, ଉତ୍ତମ ସ୍ୱଭାବ, ଉତ୍ତମ ମାର୍ଗ, ଉତ୍ତମ କର୍ମ, ଉତ୍ତମ ଚିନ୍ତା, ଉତ୍ତମ ସମାଧିସ୍ଥ ଆନନ୍ଦ ଲାଭ କରିବାକୁ ହୋଇଥାଏ ।

ଏହି ଅଷ୍ଟାଙ୍ଗ ମାର୍ଗରେ ଗତି କଲେ ସତ୍ୟର ସନ୍ଧାନ ପାଇବା ସହ ଦୁଃଖକୁ ଚିହ୍ନଟ କରି ସେଥିରୁ ମୁକ୍ତି ପାଇବାର ପଥ ପରିଷ୍କାର ହେବ । ଏହି ମୁକ୍ତି ହିଁ ହେଉଛି ନିର୍ବାଣ । ଏହି ନିର୍ବାଣ ପାଇବାକୁ ବୁଦ୍ଧ ଚାରିଗୋଟି ମାର୍ଗ ଦର୍ଶାଇଥିଲେ । ଯଥା- ୧. ସୋତାପତ୍ତିମାଗ୍‌ଗ, ୨. ସକଦାଗାମି ମାଗ୍‌ଗ, ୩. ଅନାଗାମି ମାଗ୍‌ଗ, ୪. ଅର୍ହତ ମାଗ୍‌ଗ । ଅର୍ଥାତ୍ ଯେଉଁ ବ୍ୟକ୍ତି ବୁଦ୍ଧଙ୍କ ବାଣୀ ଓ ଅନୁଶାସନକୁ ଶ୍ରଦ୍ଧା ଓ ଭକ୍ତିର ସହିତ ଗ୍ରହଣ କରନ୍ତି; ସେମାନେ ହେଲେ ସୋତାପତ୍ତି ମାଗ୍‌ଗ । ଯେଉଁମାନେ ସକଦାଗାମି ମାଗ୍‌ଗର ଅନୁବର୍ତ୍ତୀ ସେମାନଙ୍କୁ ଅତି କମ୍‌ରେ ସାତଥର ଜନ୍ମଗ୍ରହଣ ପରେ ନିର୍ବାଣ ମିଳିଥାଏ । ଅନାଗାମି ମାଗ୍‌ଗ ଅନୁବର୍ତ୍ତୀ ବ୍ୟକ୍ତିଙ୍କୁ ଆଉ ଏ କାମ, କ୍ରୋଧମୟ ସଂସାରକୁ ଆସିବାକୁ ପଡ଼ିନଥାଏ । ଅର୍ହତମାଗ୍‌ଗ ହେଉଛି ସର୍ବଶ୍ରେଷ୍ଠ । ସେମାନଙ୍କ ସକଳ କାମନାର ବିନାଶ ଘଟିଥାଏ । ସେମାନେ ଦେହତ୍ୟାଗ ପରେ ନିର୍ବାଣ ଲାଭ କରିଥାନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ କୌଣସି ଏକ ନିର୍ଦ୍ଦିଷ୍ଟ ପନ୍ଥା ଗ୍ରହଣ କରିବାକୁ ବାଧବାଧକତା ନଥିଲା । ଯାହାକୁ ଯେଉଁ ପନ୍ଥା ସୁବିଧା ହେଲା ସେ ନିର୍ବାଣ ନିମନ୍ତେ ସେହି ପନ୍ଥା ଚୟନ କରିପାରୁଥିଲା । ଫଳତଃ ଏହି ଧର୍ମ ବାସ୍ତବବାଦୀ ଦୃଷ୍ଟିକୋଣ ଯୋଗୁଁ ଅଳ୍ପ ସମୟ ଭିତରେ ଜନପ୍ରିୟ ଧର୍ମର ମାନ୍ୟତା ଲାଭ କରିପାରିଥିଲା । ଏହି ଧର୍ମ ବା ବୌଦ୍ଧ ସଂସ୍କୃତିର ଭିତ୍ତି ଥିଲା- ବୁଦ୍ଧ, ଧର୍ମ ଓ ସଂଘ । ଏହାକୁ ତ୍ରିରତ୍ନ ବୋଲି କୁହାଯାଏ । ପ୍ରତ୍ୟେକ ଉପାସକଙ୍କୁ ଏହି ତିନୋଟିର ଶରଣ ନେବାକୁ ହୋଇଥାଏ । ସେମାନେ କହିଥାନ୍ତି- "ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି ।"

ଖୁବ୍ ଲୋକପ୍ରିୟତା ହାସଲ କରିଥିବା ବୌଦ୍ଧଧର୍ମର ଶୃଙ୍ଖଳାରେ ଅବକ୍ଷୟ ବିଶେଷକରି ବୁଦ୍ଧଙ୍କ ମୃତ୍ୟୁ ପରେ ପରିଲକ୍ଷିତ ହୋଇଥିଲା । ସଂଘ ମଧ୍ୟରେ ବିଭାଜନର ସୂତ୍ରପାତ ଘଟିଥିଲା । ଶେଷରେ ବୌଦ୍ଧମାନେ ଥେରବାଦୀ ଓ ମହାସାଙ୍ଘିକ ଭାବେ ଦୁଇଟି ଗୋଷ୍ଠୀ ହୋଇଗଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବୌଦ୍ଧଧର୍ମର ବିଧିବଦ୍ଧ ଭାବେ ହୀନଯାନ ଓ ମହାଯାନ ନାମକ ଦୁଇ ଗୋଷ୍ଠୀ ଗଢ଼ି ଉଠିଥିଲା । ଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ବିଶ୍ୱ କଲ୍ୟାଣ ହିଁ ଥିଲା ଏହି ବୌଦ୍ଧ ସଂସ୍କୃତିର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖିଥିଲା ।

# ବୁଦ୍ଧାନୁକୂଳଂ ଶରଣଂ ଗଚ୍ଛାମି...

ପରମ ପୁରୁଷ ଯୁଗାବତାର କଲ୍‌କୀ ବିଗ୍ରହ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନିଶ୍ଚୟାତ୍ମକ ଭଙ୍ଗୀରେ ପ୍ରକାଶ କଲେ- ଭଗବାନ ବୁଦ୍ଧ ଓ ଭଗବାନ ହଜରତ୍ ମହମ୍ମଦ ଇତ୍ୟାଦିଙ୍କ ବିରୁଦ୍ଧରେ ଯେଉଁ ଅପବାଦ ଚାଲୁଛି ତାହାର ନିରାକରଣ କରିବାକୁ ହେବ । ଭଗବାନ ବୁଦ୍ଧ ବର୍ଣ୍ଣଧର୍ମ ସ୍ୱୀକାର କରୁଥିଲେ, ଆର୍ଯ୍ୟସତ୍ୟ - ଆର୍ଯ୍ୟସତ୍ୟ ବୋଲି ବାରମ୍ବାର କହୁଥିଲେ, ଆର୍ଯ୍ୟକୃଷ୍ଟି ଉପରେ ଭଗବାନ ବୁଦ୍ଧଙ୍କର ସବୁକିଛି ଭିତ୍ତି । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆନନ୍ଦ ସହକାରେ ପ୍ରକାଶ କଲେ - ଧର୍ମଯାଜକ (ଋତ୍ୱିକ୍) ଉପଗୁପ୍ତଙ୍କର ଏକ ଭଜନର ତାନରେ ସମ୍ରାଟ ଅଶୋକଙ୍କର ଅନ୍ତରସ୍ଥଳ ଜାଗି ଉଠିଥିଲା । ଉପଗୁପ୍ତଙ୍କ ମାଧ୍ୟମରେ ସମ୍ରାଟ ଅଶୋକ ଭଗବାନ ବୁଦ୍ଧଙ୍କୁ ଉପଲବ୍ଧି କରିଥିଲେ । ବୈଶିଷ୍ଟ୍ୟ ପାଳୀ ଆପୂରୟମାଣ ଧର୍ମପ୍ରବର୍ତ୍ତକଗଣ ସମସ୍ତେ ଏକବାର୍ତ୍ତାବାହୀ ଓ ଏକସତ୍ତାବାହୀ । ବୌଦ୍ଧମତ ଓ ହିନ୍ଦୁମତରେ ପାର୍ଥକ୍ୟ ବହୁତ କମ୍ । କୁଳମାଲିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ-ମୁଁ ଶୁଣିଛି ଭଗବାନ ବୁଦ୍ଧ ପ୍ରକାରାନ୍ତରେ ବର୍ଣ୍ଣାଶ୍ରମକୁ ସମର୍ଥନ କରୁଥିଲେ । ଭଗବାନ ବୁଦ୍ଧ ଗୃହୀମାନଙ୍କ ପାଇଁ ଗୃହୀ ଉପଯୋଗୀ ନିର୍ଦ୍ଦେଶ ଦେଇଛନ୍ତି । ପୁଣି ଭିକ୍ଷୁକ ବା ସନ୍ନ୍ୟାସୀମାନଙ୍କ ନିମିତ୍ତ ସନ୍ନ୍ୟାସୀ ଉପଯୋଗୀ ନିର୍ଦ୍ଦେଶ ଦେଇଛନ୍ତି । ଗୃହୀମାନଙ୍କର ବିବାହ, ଚାଲିଚଳନ ସମ୍ବନ୍ଧରେ ଯେଉଁସବୁ ନିର୍ଦ୍ଦେଶ ଦେଇଛନ୍ତି ତାହା ସଙ୍ଗେ ବର୍ଣ୍ଣାଶ୍ରମର କୌଣସି ବିରୋଧ ନାହିଁ । ବର୍ଣ୍ଣାଶ୍ରମ ହେଉଛି ଏକ ବିଜ୍ଞାନଭିତ୍ତିକ ସମାଜ ବିଧାନ ।



ଅବତାର ପୁରୁଷମାନେ ସର୍ବଦା ନିଜ ପ୍ରତି ନିଷ୍ଠୁର କାରଣ ସେମାନେ ସର୍ବଦା ପରିବେଶର ପ୍ରତିପ୍ରତ୍ୟେକଙ୍କର ମଙ୍ଗଳ ସାଧନରେ ବ୍ୟସ୍ତ, ଅବଶ୍ୟ ମଙ୍ଗଳ ନିମିତ୍ତ ନିଜକୁ ସର୍ବସ୍ୱ ଦେବାପାଇଁ ସେମାନେ ଜଗତକୁ ଆସନ୍ତି, ନିଜ ପ୍ରତି ଚାହିଁବାର ଅବକାଶ ସେମାନଙ୍କ ପାଖରେ ନଥାଏ । ଏହିପରି ଅବସ୍ଥାରେ ପରିବେଶ ସେମାନଙ୍କ ପ୍ରତି ପ୍ରୀତିପରାୟଣ ହେଲେ ସେମାନେ ସ୍ୱସ୍ତି ଓ ଶାନ୍ତିରେ ରହିପାରନ୍ତି । ମହାପ୍ରଭୁ ବୁଦ୍ଧଦେବ କହିଥିଲେ - ଅହିଂସା ପରମ ଧର୍ମ । ଏ କଥାର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଅହିଂସା ଯେଉଁଠାରେ ସପରିବେଶ ସତ୍ତାସମ୍ବର୍ଦ୍ଧନାକୁ ସର୍ବତୋ ଭାବରେ ପୁଷ୍ଟକରି ସାର୍ଥକ ହୋଇଉଠେ, ତାହା ଯେ ପରମ ଧର୍ମ ଏ ବିଷୟରେ କୌଣସି ସନ୍ଦେହ ନାହିଁ । ସତ୍ତାକୁ ହତ୍ୟା ବା କ୍ଷୁର୍ଣ୍ଣ ନକରିବା ଯଦି ପରମ ଧର୍ମ ହୁଏ ତେବେ ସତ୍ତା ହତ୍ୟାକାରୀ ଯାହା ତାହାକୁ ବିହିତ ଭାବରେ ନିରୋଧ କରିବା ମଧ୍ୟ ପରମ ଧର୍ମର ଅଙ୍ଗୀଭୂତ । ଆମ୍ଭେମାନେ ଜୀବନପ୍ରେମୀ ହେଲେ ମୃତ୍ୟୁ ବିରୁଦ୍ଧରେ ଚିରକାଳ ସଂଗ୍ରାମ କରିବାକୁ ହେବ । ମହାପ୍ରଭୁ ଯେତେବେଳେ ସଶରୀରରେ ରହି ଏହି ମର୍ତ୍ତ୍ୟଧାମରେ ଲୀଳାଖେଳ କରନ୍ତି ତାଙ୍କର କଥାବାର୍ତ୍ତା ଚଳନ ଓ ଭଙ୍ଗୀରେ ସମସ୍ତଙ୍କୁ ସତ୍ତାପ୍ରେମୀ ଓ ଆତ୍ମାଭିମୁଖୀ କରିଉଠାନ୍ତି । ପ୍ରଭୁ କରୁଣା ପରବଶ ହୋଇ ମାନବ ଜନ୍ମ ଗ୍ରହଣ କରନ୍ତି ଓ ଆମ୍ଭମାନଙ୍କର ମଙ୍ଗଳ ନିମିତ୍ତ ବହୁତ କଷ୍ଟ ସହ୍ୟ କରନ୍ତି । ସମସ୍ତଙ୍କୁ କାଳର ହାତରୁ ଉଦ୍ଧାର କରିବା ପାଇଁ ସେ କାଳାଧୀଶ ହୁଅନ୍ତି । ଦଶାବତାର ମଧ୍ୟରେ ମହାପ୍ରଭୁ ବୁଦ୍ଧ ଜଣେ । ମନୁଷ୍ୟର ଅନ୍ତରରେ ସବୁ ସମୟ ଏକ ଫାଙ୍କା ଫାଙ୍କା ଭାବ ଲାଗି ରହେ ଓ ତାହା ପୂର୍ଣ୍ଣ ହୁଏ ଯେତେବେଳେ ମନୁଷ୍ୟର ଅନୁରାଗ ଶ୍ରେୟ ନିବଦ୍ଧ ହୁଏ । ସେ ଅନୁରାଗ ହେବା ଉଚିତ ଅଚ୍ୟୁତ, ଦୁଃଖ-କଷ୍ଟ, ଦୈନ୍ୟ-ରୋଗ, ଶୋକ-ଆନନ୍ଦ ଇତ୍ୟାଦି ଦ୍ୱାରା ଅନୁରାଗ ଛିନ୍ନ ହୁଏନାହିଁ । ମନୁଷ୍ୟ ଜୀବନର ଯେତେକିଛି ପ୍ରଚେଷ୍ଟା ଏହି ଶୂନ୍ୟକୁ ପୂର୍ଣ୍ଣ କରିବା ପାଇଁ ଓ ପ୍ରେଷ୍ଠାନୁରାଗ ବ୍ୟତୀତ ଏହି ଶୂନ୍ୟ କେବେ ପୂର୍ଣ୍ଣ ହୁଏନାହିଁ । ମହାପ୍ରଭୁ ବୁଦ୍ଧଦେବ ସେଥିପାଇଁ ସବୁବେଳେ ନିର୍ବାଣ କଥା କହୁଥିଲେ । ମହାପ୍ରଭୁ ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟଦେବ ଓ ଶ୍ରୀରାମକୃଷ୍ଣ ପରମହଂସ ଇତ୍ୟାଦି ମହାପୁରୁଷଙ୍କ ଜୀବନରେ ଏହି ଶୂନ୍ୟତା ହିଁ ସେମାନଙ୍କୁ ଭଗବାନ କରିତୋଳିଥିଲା । ବୌଦ୍ଧଗ୍ରନ୍ଥରେ ଅଛି ସ୍ୱବନ୍ଧନ ଛିନ୍ନ କରିବାର ପ୍ରଥା ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସ୍ୱବନ୍ଧନ ଖଣ୍ଡନର ସହଜତମ ପନ୍ଥା ହେଲା ସକ୍ରିୟ, ସେବାଯୁକ୍ତ, ଇଷ୍ଟଙ୍କ ଉପରେ ଅଚ୍ୟୁତ ଅନୁରାଗ । ପ୍ରଭୁଙ୍କ ଉପରେ ଅଗୁରାଗ ଥିବା ଯୋଗୁଁ ବୃତ୍ତି ଗୁଡ଼ିକ ମନକୁ ନିମ୍ନମୁଖୀ କରିପାରନ୍ତି ନାହିଁ । ପୃଥିବୀରେ ଯେତେ ମହାପୁରୁଷଙ୍କର ବାଦ ଅଛି - ସେ ସବୁ ହିଁ ଏକ ଓ ତାହାହେଲା ଏକନିଷ୍ଠ, ସାତ୍ୱତ, କର୍ମବାଦ ଏଥିରେ ବ୍ୟଷ୍ଟି ଓ ପରିବେଶ ଇଷ୍ଟଙ୍କୁ କେନ୍ଦ୍ର କରି ସଂହତ, ସଂଯତ ଓ ସମ୍ବର୍ଦ୍ଧିତ ହୋଇଉଠନ୍ତି । ସେଥିପାଇଁ ବୁଦ୍ଧଦେବଙ୍କର ତ୍ରିଶରଣ ମନ୍ତ୍ରରେ ଅଛି - ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି ଓ ସଂଘଂ ଶରଣଂ ଗଚ୍ଛାମି । ବୌଦ୍ଧଧର୍ମ ଅତ୍ୟନ୍ତ ବାସ୍ତବଭିତ୍ତିକ । ପ୍ରେରିତ ପୁରୁଷମାନେ ଯେଭଳି ସମୀଚୀନ ମନେକରନ୍ତି ସେହିଭଳି ଭାବରେ ଯୁଗର ପ୍ରୟୋଜନ ପୂରଣ କରନ୍ତି । ଅବତାରମାନେ ହିଁ ହେଉଛନ୍ତି ଈଶ୍ୱରଙ୍କର ପ୍ରେରିତ ଓ ଆଦିଷ୍ଟ ପୁରୁଷ । ଯୁଗ ପ୍ରୟୋଜନ ଅନୁଯାୟୀ ସେମାନେ ଆର୍ବିଭାବ ହୁଅନ୍ତି ଓ ବିଶ୍ୱଜନୀନ ନୀତି ସହିତ ଯୋଗସୂତ୍ର ରକ୍ଷା କରି ଲୀଳାଖେଳ କରନ୍ତି । ମହାପ୍ରଭୁ ବୁଦ୍ଧଦେବ ଯେତେବେଳେ ଆସିଥିଲେ ସେତେବେଳେ ଦେବତାଙ୍କ ପାଖରେ ନୃଶଂସ ଭାବେ ଜୀବବଳି ପ୍ରଥା ପ୍ରଚଳିତ ଥିଲା । ମନୁଷ୍ୟ ବଳି ମଧ୍ୟ ଚାଲୁଥିଲା । ସେଥିପାଇଁ ମହାପ୍ରଭୁ ବୁଦ୍ଧ ପ୍ରଥମ ଆହ୍ୱାନ ଦେଲେ- ଜୀବ ହିଂସା କରନାହିଁ, ଜୀବନ ନାଶ କରନାହିଁ । ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସୁଧାଝରା କଣ୍ଠରେ କହିଲେ- ମହାପ୍ରଭୁ ବୁଦ୍ଧଦେବ ଚାହୁଁଥିଲେ- ତୃଷ୍ଣାର ଏକାନ୍ତ ନିର୍ବାଣ । ମହାପ୍ରଭୁ ଶ୍ରୀଚୈତନ୍ୟଦେବ ମଧ୍ୟ କହୁଥିଲେ - ମୁଁ ତୃଷ୍ଣା ବୁଝେନାହିଁ, ମୋର ତୃଷ୍ଣା ରହୁ ବା ଯାଉ, ମୁଁ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଚାହେଁ । ପ୍ରଭୁ ଶ୍ରୀକୃଷ୍ଣ ହିଁ ମୋର ଏକମାତ୍ର ତୃଷ୍ଣା । ଏହି ଦୁଇ ଭାବ ହିଁ ମୂଳତଃ ଏକ । ମହାପ୍ରଭୁ ଶ୍ରୀଚୈତନ୍ୟଦେବଙ୍କର ଭାବଟା ହିଁ ତୃଷ୍ଣା ନିର୍ବାଣର ସହଜତମ ପନ୍ଥା । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଆନନ୍ଦ ସହକାରେ ପ୍ରକାଶ କଲେ - ଆଜି ବୁଦ୍ଧ ପୂର୍ଣ୍ଣିମା, ଏକ ମହାପୁଣ୍ୟ ତିଥି । ଏହି ତିଥିର ତାତ୍ପର୍ଯ୍ୟ ସ୍ମରଣ କରି ଯଦି ଭଗବାନ ବୁଦ୍ଧଦେବଙ୍କର ଆଲୋକରେ ଆଜି ଦିନରେ ନିଜର ଇଷ୍ଟ ଦେବତା ବା ଗୁରୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଜପ, ତପ, ଧ୍ୟାନ, ଭଜନ ଓ ସ୍ୱାଧ୍ୟାୟ ପାଳନ କରାଯାଏ ତେବେ ଏହା ଭିତର ଦେଇ ଈଶ୍ୱରଙ୍କର ଅନେକ ଆଶିଷ ମିଳେ । ମହାପ୍ରଭୁ ବୁଦ୍ଧଦେବ କ୍ଷତ୍ରିୟ ଥିଲେ ଓ ଅହିଂସାର ପଥକୁ ଆଦରି ନେଲେ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତକଲେ, ଶୁଣିଛି-ଭକ୍ତ ଆନନ୍ଦ ମହାପ୍ରଭୁ ବୁଦ୍ଧଦେବଙ୍କ ସହିତ କେତେଗୁଡ଼ିକ ସର୍ତ୍ତ କରିଥିଲେ ସେଥିପାଇଁ ସେ ଅର୍ହ ପର୍ଯ୍ୟାୟରେ ଉନ୍ନୀତ ହୋଇପାରି ନଥିଲେ । ଭଗବାନ ବା ଇଷ୍ଟଙ୍କ ପାଖରେ ଆମେ ଯେତେବେଳେ ଆତ୍ମୋତ୍ସର୍ଗ କରୁ ସେତେବେଳେ ଯଦି ନିଜସ୍ୱ ସର୍ତ୍ତ ରଖାଯାଏ ତାହା ଆତ୍ମବିକାଶର ପଥରେ ବାଧା ଦିଏ । ଇଷ୍ଟ ବା ଗୁରୁଙ୍କର ଇଚ୍ଛା ପୂରଣ ବ୍ୟତୀତ କୌଣସି ବ୍ୟକ୍ତିଗତ ପ୍ରତ୍ୟାଶା ଥିଲେ ଆତ୍ମୋନ୍ନତି ପଥରେ ଅନ୍ତରାୟ ହୁଏ । ଭକ୍ତ କଶ୍ୟପ, ସାରୀପୁତ୍ର ଓ ମୌଦଗଲ୍ଲାୟନ ଇତ୍ୟାଦି ଭକ୍ତମାନେ ଅର୍ହ ପର୍ଯ୍ୟାୟରେ ଉନ୍ନୀତ ହୋଇଥିଲେ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତକଲେ, ମୋର ମନେହୁଏ ଶ୍ରମଣ, ଜ୍ୟୋତି, ସନ୍ନ୍ୟାସୀ ଇତ୍ୟାଦି ଭକ୍ତମାନଙ୍କର ସମ୍ପଦ ହିଁ ତାଙ୍କର ଚରିତ୍ର, ତାଙ୍କର ଜୀବନ ଓ ତାଙ୍କ ତପସ୍ୟା । ଏହି ଚରିତ୍ର ଭିତରେ ହିଁ ଜାତିର ପ୍ରକୃତ ଉନ୍ନତି ଘଟେ । ବୌଦ୍ଧ ମତବାଦ ମଧ୍ୟରେ ଉପନିଷଦର କଥା ଅନେକ ଅଛି ।

# ସଡ଼କରେ ମୁଣ୍ଡ ନେଉଛି ମୋବାଇଲ !

ଆଜିର ସମୟକୁ ଦେଖିଲେ ଲାଗୁଛି ଯେପରି ମୋବାଇଲ ହେଉଛି ଜୀବନର ମୁଖ୍ୟ ଅବଲମ୍ବନ । ରାସ୍ତାରେ ଚାଲିକି ଯାଉଥିବା ଲୋକ ହୁଅନ୍ତୁ ବା ସାଇକେଲ ଆରୋହୀ, ତେବେ ଉଦ୍‌ବେଗଜନକ ଘଟଣା ହେଉଛି ବାଇକ ହେଉ ବା କାର, ବସ ହେଉ ବା ଟ୍ରକ ମୋବାଇଲ ବ୍ୟବହାର କରି ଗାଡ଼ି ଚାଳନା ଯାହାପାଇଁ ଦୁଃଖଦ ଘଟଣାକ୍ରମରେ ଅଭାବନୀୟ ଗାଡ଼ି ଦୁର୍ଘଟଣା ସଡ଼କକୁ ରକ୍ତାକ୍ତ କରିଦେଉଛି । ଆଖି ପିଛୁଳାକେ କେବଳ ଗାଡ଼ି ଆରୋହୀର ଜୀବନ ଯାଉନି ତାଙ୍କ ପାଇଁ ଅନ୍ୟ ମାନଙ୍କ ଧନଜୀବନ ଅକାଳରେ ଚଡ଼କ ସଦୃଶ । ଗାଡ଼ି ଚଳାଇବା ସମୟରେ ଫୋନ ବ୍ୟବହାର ଅତି ବିପଜ୍ଜନକ । ଆଖି ପିଛୁଳାକେ ଜୀବନ ଯିବାର ଭୟ ଅଛି । ଅତି ଜରୁରୀ ଥିଲେ ଗାଡ଼ି ରଖିବା ପରେ ଫୋନ ବ୍ୟବହାର କରିବାକୁ ପୁଲିସ ଓ ପରିବହନ ବିଭାଗ ପରାମର୍ଶ ଦେଉଛି । ଏଥିପାଇଁ ଛକ ଛକରେ ସତର୍କତାମୂଳକ ବାର୍ତ୍ତା ଲେଖା ଯାଇଛି । ଏହା ସତ୍ତ୍ୱେ ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଲୋକମାନେ ଛାଡୁନାହାନ୍ତି । ପରିଣାମ ସ୍ୱରୂପ ଶତାଧିକ ଲୋକଙ୍କ ଜୀବନ ଅକାଳରେ ଚାଲି ଯାଉଛି । ଯେତିକି ଲୋକ ପ୍ରାଣ ହରାଉଛନ୍ତି ତା ଠାରୁ ଅଧିକ ଲୋକ ଗୁରୁତର ଆହତ ହେଉଛନ୍ତି । ଅନେକ ଆହତ ବ୍ୟକ୍ତି ସାରା ଜୀବନ ପାଇଁ ଅକର୍ମଣ୍ୟ ହୋଇଯାଉଛନ୍ତି । ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୧ରେ କେବଳ ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରିଥିବା ଯୋଗୁଁ ୩୫୨ଟି ସଡ଼କ ଦୁର୍ଘଟଣା ଘଟିଛି ଏବଂ ଏଥିରେ ୧୨୬ ଜଣ ପ୍ରାଣ ହରାଇଛନ୍ତି । ସେହିପରି ୩୫୫ ଜଣ ଗୁରୁତର ଆହତ ହୋଇଛନ୍ତି ।ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାରକୁ ରୋକିବା ପାଇଁ ସୁପ୍ରିମ କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ନିର୍ଦ୍ଦେଶ ଦେଇଛନ୍ତି । ୨୦୨୦ରେ ମୋବାଇଲ ଫୋନ ବ୍ୟବହାର ପାଇଁ ୨୯୭ ସଡ଼କ ଦୁର୍ଘଟଣା ଘଟିଥିଲା । ସେଥିରେ ୧୨୦ ଜଣ ପ୍ରାଣ ହରାଇଥିଲେ । ଓଡ଼ିଶାରେ ସମୁଦାୟ ୯୦% ସଡ଼କ ଦୁର୍ଘଟଣା ବେପରୁଆ ପ୍ରକୃତି ପାଇଁ ଘଟୁଛି । ୨୦୧୭ ବେଳକୁ ମୋବାଇଲ ଫୋନ ବ୍ୟବହାର ପାଇଁ ସଡ଼କ ଦୁର୍ଘଟଣାରେ ଓଡ଼ିଶା ସର୍ବଭାରତୀୟସ୍ତରରେ ତୃତୀୟ ସ୍ଥାନରେ ଥିଲା । ୨୦୧୬ ଏପ୍ରିଲ ୧୭ ତାରିଖରେ ଦେବଗଡ଼ ଜିଲ୍ଲାରେ ଏକ ବସ ଦୁର୍ଘଟଣାରେ ଏକ ଅପେରା ପାର୍ଟିର ୨୭ଜଣ କଳାକାର ପ୍ରାଣ ହରାଇଥିଲେ । ସେହିବର୍ଷ ସେପ୍ଟେମ୍ବର ୯ ତାରିଖରେ ଅନୁଗୁଳର ଆଠମଲ୍ଲିକ ଠାରେ ଗୋଟିଏ ବସ ପୋଲ ତଳକୁ ଖସି ପଡ଼ିବାରୁ ୧୯ଜଣ ଯାତ୍ରୀ ପ୍ରାଣ ହରାଇଥିଲେ । ଉଭୟ ମାମଲାରେ ବସ ଚାଳକ ଗାଡ଼ି ଚାଳକ ମୋବାଇଲ ଫୋନ ବ୍ୟବହାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା । ଗାଡ଼ି ଚାଳକ ମୋବାଇଲ ଫୋନ ବ୍ୟବହାର କରୁଥିବା ନେଇ ଜନସାଧାରଣ ଅଭିଯୋଗ କରିବା ନିମନ୍ତେ ପରିବହନ ବିଭାଗ ପକ୍ଷରୁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯାଇଛି । ହେଲେ ସଚେତନତା ଅଭାବରୁ ଅଭିଯୋଗ ସଂଖ୍ୟା କମ ରହିଛି । ତେବେ ବଡ଼ ବଡ଼ ମହାନଗରରେ ଜନସାଧାରଣ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଫଟୋ ଉଠାଇ ପରିବହନ କିମ୍ବା ପୁଲିସ ବିଭାଗକୁ ଟ୍ୱିଟ କରୁଛନ୍ତି । ଫଳରେ ନିୟମ ଖିଲାପକାରୀଙ୍କୁ ଚାଲାଣ କଟାଯାଇ ପାରୁଛି । ହେଲେ ଓଡ଼ିଶାରେ ସେପରି ଘଟଣା ନଗଣ୍ୟ ରହିଛି । ବର୍ତ୍ତମାନ ସମୟରେ ମୋବାଇଲ ଫୋନ ସମସ୍ତଙ୍କ ପାଇଁ ଏକ ଜରୁରୀ ସାମଗ୍ରୀ ହୋଇଛି । କିନ୍ତୁ ଅସମୟରେ ବ୍ୟବହାର କେତେ ଘାତକ ତାହା ପରିବହନ ବିଭାଗର ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ହୋଇଯାଇଛି ।

ଦିନକୁ ଦିନ ସଡ଼କ ଦୁର୍ଘଟଣା ଯେଉଁପରି ଭାବରେ ବଢ଼ି ଚାଲୁଛି ତାହା ଆଜିର ସମୟ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଘଟଣାବଳୀ । ଜଣେ ଘରୁ ବାହାରିବା ପରେ ସୁରକ୍ଷିତ ଭାବେ ଯେ ଘରକୁ ଫେରିବ ତାହାର ଗ୍ୟାରେଣ୍ଟି ସେ ନିଜେ ବି ପାଇପାରିବ ନାହିଁ । ଅତିଶସ୍ତାରେ ମୋବାଇଲ ହାତ ପାହାନ୍ତାରେ ମିଳିଯାଉଥିବାରୁ, ଦ୍ୱିତୀୟତଃ କାନରେ ଇୟର ଫୋନ ଲଗାଇ ଗପି ଗପି ଗାଡ଼ି ଚଳାଇବା ମଧ୍ୟ ଅତ୍ୟନ୍ତ ବିପଦଜନକ ମାନସିକତା । ନିୟମିତ ବ୍ୟବଧାନରେ ରାଜ୍ୟ ସଡ଼କ ପରିବହନ ବିଭାଗ ଏପରି ଆଇନ ଖିଲାପକାରୀ ମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ବ୍ୟବସ୍ଥା କରୁଛନ୍ତି । ତେବେ ଏ କ୍ଷେତ୍ରରେ ଦଣ୍ଡ ପାଇବା ପୂର୍ବରୁ ପ୍ରଶ୍ନ ଉଠୁଛି ଆମେ ସଚେତନତା ନ ହେବା କ'ଣ ପାଇଁ? ସବୁ ସଚେତନତାକୁ ସରକାର ଓ ପ୍ରଶାସନ ଉପରେ ଲଦି ଦେଲେ ଚଳିବ ନାହିଁ । ଏ କ୍ଷେତ୍ରରେ ଆମ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେବଳ ସଡ଼କକୁ ସୁରକ୍ଷିତ ରଖିବା ନୁହେଁ ନିଜର ମୂଲ୍ୟବାନ ଜୀବନକୁ ବଞ୍ଚାଇ ରଖି ନିଜ ପରିବାର ଓ ସମାଜ ପାଇଁ ଜଣେ ଯଥାର୍ଥ ଦାୟିତ୍ୱବାନ ମଣିଷଟି ବୋଲି କର୍ତ୍ତବ୍ୟ ନିର୍ବାହ ନିଶ୍ଚିନ୍ତ ଭାବେ ଜୀବନ ଧର୍ମ ।

## 'ଉତ୍ର' ତରଫରୁ ବସ୍ତ୍ର ଓ ଛତା ବଂଟନ



ଭୁବନେଶ୍ୱର (ପିଏନ୍): 'ଉତ୍ର' ଚାରିଟେବୁଲ୍ ଟ୍ରଷ୍ଟର ନୂତନ ପ୍ରୟାସ 'ଥିଲେ ଦିଅ, ନଥିଲେ ନିଅ' ଅଭିଯାନ ମାଧ୍ୟମରେ ବସ୍ତ୍ର ଓ ଛତା ଭୁବନେଶ୍ୱର ମହାନଗର ନିଗମର ୩୪ ନମ୍ବର ୱାର୍ଡରେ ଅବସ୍ଥିତ ସତ୍ୟନଗର ଡେଭଲପ୍‌ମେଂଟ୍ ଓ କଲଚରାଲ୍ ସୋସାଇଟି (ସତ୍ୟନଗର ହୋମ୍‌ଟାଉନ୍ ପାଖ)ରେ ବଂଟନ କରାଯାଇଥିଲା । 'ଥିଲେ ଦିଅ, ନଥିଲେ ନିଅ' କାର୍ଯ୍ୟକ୍ରମ ମାଧ୍ୟମରେ ସଂଗ୍ରହ କରାଯାଇଥିବା ପୁରୁଣା, ନୂତନ ବସ୍ତ୍ର ଏବଂ ଛତା ଯେଉଁମାନଙ୍କର ବସ୍ତ୍ରର ଅଭାବ ଓ ଛତାର ଅଭାବ ଅଛି, ସେହିମାନଙ୍କୁ ବଂଟନ କରାଯାଇଥିଲା । ବସ୍ତ୍ର ଅଭାବ ଥିବା ଏବଂ ଛତା ଅଭାବ ଥିବା ଲୋକମାନଙ୍କୁ ଖଣ୍ଡେ ବସ୍ତ୍ର ଓ ଗୋଟେ ଛତା ଦେଇ ସେହିମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ପାଇଁ 'ଉତ୍ର' ତରଫରୁ ଏହା ଏକ ଛୋଟ ପ୍ରୟାସ । ଏହି ବସ୍ତ୍ର ବଂଟନ କାର୍ଯ୍ୟକ୍ରମ ଓଡିଶାର ବିଭିନ୍ନ ସ୍ଥାନମାନଙ୍କରେ ବିଗତ ୬ ବର୍ଷ ହେବ ହୋଇଆସୁଅଛି । ପୂର୍ବବର୍ଷ ୨୫ ହଜାରରୁ ଉର୍ଦ୍ଧ୍ୱ ବସ୍ତ୍ର ବଂଟନ କରାଯାଇଥିଲା । ଏହି ଅଭିଯାନ ମାଧ୍ୟମରେ ଆପଣ ଆପଣଙ୍କର ପୁରୁଣା ବସ୍ତ୍ରକୁ ଦିଅନ୍ତୁ ଏକ ନୂତନ ଜୀବନ । ଏହି ବଂଟନ କାର୍ଯ୍ୟକ୍ରମରେ 'ଉତ୍ର' ଚାରିଟେବୁଲ୍ ଟ୍ରଷ୍ଟର ପରାମର୍ଶଦାତା ତଥା ମୋକଲେଜ ଅଧ୍ୟକ୍ଷ (ଓଡିଶା ସରକାର) ଆକାଶ ଦାସନାୟକ, ସଂପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଅନନ୍ତ ନାରାୟଣ ଜେନା (ବିଧାୟକ, ଭୁବନେଶ୍ୱର), ସୁଲୋଚନା ଦାସ (ମେୟର, ଭୁବନେଶ୍ୱର ମହାନଗର ନିଗମ), ପୁଷ୍ପାଳୀ ସେଠୀ (କର୍ପୋରେଟର, ୱାର୍ଡ ନଂ-୩୪), ନରେନ୍ଦ୍ର କୁମାର ସେଠୀ, ରୁଦ୍ରାକ୍ଷ ପାଣିଗ୍ରାହୀ, ରାଜେନ୍ଦ୍ର ଆଚାର୍ଯ୍ୟ, ଲୋକନାଥ ପଣ୍ଡା, ମମତା ରାଉତ, ତୁଷାର ପଟ୍ଟନାୟକ, ଶୀତଲ୍ ପାତ୍ର, ଜିନା ସାମଲ, ଶୁଭଶ୍ରୀ ମଙ୍ଗରାଜ, ବୈଷ୍ଣବ ଭୋଳ, ଦେବୀପ୍ରସାଦ ମଙ୍ଗରାଜ, ପ୍ରଭାତ ଶତପଥି, କିଶୋର ଦାସ, ଭାଗ୍ୟଧର ସାମଲ, ବାବୁ ବାବୁ, ପୱନ ପାତ୍ରୋ, ଜୋଷିକା ବୋଷ, ତାପି ମିଶ୍ର ଓ 'ଉତ୍ର' ପରିବାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ରାଇସୁଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

କେନ୍ଦୁଝର (ପିଏନ୍): ସଦର ବ୍ଲକ ରାଇସୁଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିର ଗତ ତା୨୨/୪/୨୨ରିଖରେ ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ରତିନ୍ଦ୍ର କୁମାର ପରିଡା ଏହି ସଭାରେ ସଭାପତିତ୍ୱ କରି ସାମ୍ପ୍ରତିକ ସମୟରେ ସମାଜରେ ବାଳିକାମାନଙ୍କର ଆତ୍ମରକ୍ଷା କୌଶଳ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୮୬ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି ବୋଲି କାର୍ଯ୍ୟକ୍ରମ ଅଧିକାରୀ ଡଃ. ଆଶିଷ କୁମାର ରାଉତ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସୁଜାତା ମହାପାତ୍ର, ପୁନମ୍ ମିଶ୍ର, ଅଧ୍ୟାପକ ବିପିନବିହାରୀ ସାହୁ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ପରିଶେଷରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।




ଭୁବନେଶ୍ୱର, ୨୦୨୪, ମଇ ୧୮

# କଥା ମେଘଡମ୍ବରୁ କାମ କୋଇଲି ସୂତା ସରୁ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବଚନେ ସର୍ବସ୍ୱଦାତା ଏହା ଦେଖାଯାଉଛି ଏଇ ଭୋଟ ବେଳେ ଏ ନଜିର ଦେଖନ୍ତୁ ସହରର ବସ୍ତୀ ଝୁମ୍ପୁଡ଼ି ଘର ବସେଇବାସ କରୁଥିବା ଲୋକମାନଙ୍କୁ ସେମାନଙ୍କର ଜୀବିକା ମୂଳ ଲାଗିବା କାହାଘର ପାଇଟି କରିବା, ପେଟ ଭରିବା ପାଇଁ କଞ୍ଚା ଦରସିଝା ଦିଟା ଖାଇନେଇ ସମୟ କାଟିବା, ସଂସାର ବାନ୍ଧିଛନ୍ତି ସନ୍ତାନତଃ ଜନ୍ମ ନେବେ ହେଲେ ତାଙ୍କ ପାଇଁ ଉପଯୁକ୍ତ ଆହାର ଅଭାବ। ଅରକ୍ଷିତକୁ ଦୈବ ସାହା ଭଳି ହେଉ ଅରଣ୍ୟର ମଲ୍ଲିଫୁଲ ଗଛ ପରି ହେଉ ସେ ପିଲା କେବେ ଉତୁରି ଯାଇଥାନ୍ତି କେତେ ସିନା ଅନେକ ରୋଗିଣୀ ସ୍ୱାସ୍ଥ୍ୟହରା କଙ୍କାଳସାର ହୋଇ କାଳ କାଟନ୍ତି। ଖରା ବର୍ଷା ନଦୀ ବନ୍ୟା ଝଡି ପବନରେ କି ବିକଳ ହୋଇ କୁଡ଼ିଆ ରକ୍ଷା କରି ରହିଥାନ୍ତି। ଏମାନେ ଏମାନଙ୍କ ନାମରେ ଖାତାଖତିଆନ ନାହିଁ। ଘରକୁ ବିଦ୍ୟୁତ ଆଲୋକ, ପାଣି, ଜାଳେଣି ଗ୍ୟାସ ଆସିବା ଏକ ସ୍ୱପ୍ନ ହେଲେ ସେମାନେ ସହରି ବାବୁ ଗୋସେଇଁ ମାନଙ୍କର ସୁଦୃଶ୍ୟ ଅଟାଳିକା ନିର୍ମାଣରେ ବଡ଼ଭାଗିଦାର। ଏମାନଙ୍କର ଶ୍ରମରେ ହୋଲଡିଂଧାରୀ ଅନେକ ଏ ଟ୍ୟାକ୍ସ ଦେଇ ଚିରସ୍ଥାୟୀ ବାସିନ୍ଦା।

ଭୋଟବେଳ ବିଭିନ୍ନ ସ୍ତରରେ ବିଭିନ୍ନ ପ୍ରକାରରେ କିଛି ବର୍ଷ ବ୍ୟବଧାନରେ ଆସୁଛି। ଭୋଟରେ ଓ୍ୱାର୍ଡ଼ରେ ଯେଉଁ ସ୍ଥାନ ଚିହ୍ନଟ ଏଥିରେ ଏମାନଙ୍କର ବାସ ସ୍ଥାନ ଯଦି ଅସିଲା ତେବେ ଆସିଲା ପ୍ରାର୍ଥୀମାନଙ୍କର କଥା ଦେବା, ବଚନର ଯାଦୁଖେଳ, ବସ୍ତୀ ବାସିନ୍ଦା ଭାବି ନେଲେ ଏ ସାଆନ୍ତ ଆମ ଦୁଃଖ ନିଶ୍ଚେ ବୁଝିବେ। ଏଥର ଦୁଃଖ ପହଣି ବାଟେ ଚାଲିଯିବ, କିନ୍ତୁ ହାୟ କାମ କୋଇଲିସୂତା ସରୁ ହୋଇଯିବ ସମୟ ଚକ୍ରରେ। ପର୍ବତର ମୂଷିକ ପ୍ରସବ ଯଦି ଜଣାପଡ଼ିବ ଭୋଟ ଦାନରେ କୌଣସି ପ୍ରାର୍ଥୀଙ୍କୁ ଏମାନେ ଅନୁକମ୍ପା ଦେଖାଇଛନ୍ତି, ଆଉ ସେ ବାବୁ ସାଆନ୍ତ ଅଳ୍ପ ବ୍ୟବଧାନରେ ହାରି ପଦବୀକୁ ଆସିପାରିଲେ ନାହିଁ ତେବେ ଦେଖ ତମସା। କାନୁନ ଗଢ଼ା ହୋଇଯିବ, ସରକାରୀ ଜମି ଜବରଦଖଲ ଏହାକୁ ହଟାଇବାକୁ ପଡ଼ିବ ଆସିଯିବ ବୁଲଡୋଜର ଆସିଯିବେ ମଲ୍ଲବୀର ଆସିବେ ସରକାରୀ ଅଧିକର୍ତ୍ତା। ବାସ ନୀଡ଼ଭଙ୍ଗା, ଅଭିଜାନ ସମାପ୍ତ କିଛି ଅନୁନୟ ବିନୟ ଶୁଣାଯାଏ ନାହିଁ। ଅଘରା, ଯେତେବେଳେ ପ୍ରଚଣ୍ଡ ଖରା ବର୍ଷା ଭୋଗ ହେବାକୁ ଥିବ ଠିକ ସେତିକି ବେଳକୁ ନୀଡ଼ଭଙ୍ଗା। ପ୍ରକୃତରେ କାହାରି ଦରଦ ଏମାନଙ୍କ ପାଇଁ ଅଛି ଏମିତି ବୁଝାଯାଏ ନାହିଁ। କୁଆଡ଼େ ଶ୍ରମ ଦପ୍ତର ସରକାରଙ୍କର ଅଚି ଏଥିରେ ନିରୀକ୍ଷକ ମାଳ ମାଳ ଏମାନେ ବସତି କଲାବେଳେ କେହିକଣ ଦେଖିପାରନ୍ତି ନାହିଁ। ରାଜସ୍ୱ ବିଭାଗର ଏମିତି ନିରୀକ୍ଷକଙ୍କର ନେଟୱ୍ୱାର୍କ ସର୍ବତ୍ର ଅଛି ସେମାନେ କଣ ଏହା ଦେଖିପାରନ୍ତି ନାହିଁ। ଥାନା ସୀମା ସବୁ ଧାର୍ଯ୍ୟ ଅଛି, ଏ ମଧ୍ୟରେ ଅନେକ କର୍ମଚାରୀ ସେମାନେ କଣ ଏହା ଦେଖନ୍ତି ନାହିଁ। ଘରକୁଡ଼ିଆ ବସାଇ ଲୋକ ବସତି କରିବା ପରେ ଏସବୁ କେମିତି ନଜରକୁ ଆସୁଛି, ଆରମ୍ଭରୁ କାହିଁକି ନଜର କୁଆଡ଼େ ନଜର ଯାଇଥାଏ। ବାଙ୍ଗଲାଦେଶୀ ମାନେ ବିଗତ ଯୁଦ୍ଧ ବେଳେ ସେ ଦେଶରୁ ଶରଣାର୍ଥୀ ବା ଉଦବାସ୍ତୁ ହୋଇ ଏ ଦେଶକୁ ଆସି ଭାରତ ସରକାରଙ୍କ ଅନୁରୋଧରେ ରାଜ୍ୟ ସରକାରମାନେ ଏମାନଙ୍କୁ ଥଇଥାନ ପାଇଁ ଜମିଜାଗା ବୃତ୍ତି ପାଇଁ କିଛି ଅର୍ଥ ଦେଇଥିଲେ ଏମିତି ହେଲା ଯେତେ ଲୋକ ଆସିଲେ ପରେ ଖାତାରେ ନାହାଁନ୍ତି ଆଉ କେତେକ ସେମାନଙ୍କର ଭାଇ ବିରାଦର ପରେ ଖୁନ୍ଦି ହୋଇଯାଇଛନ୍ତି ଓ ସେମାନେ ଧରା ଧରି କରି ସରକାରୀ ଫାଇଦାମାନ ହାସଲ କରୁଛନ୍ତି। ବୃତ୍ତିମାନ ପାଇଟିମାନ କରି ବଞ୍ଚି ଯାଉଛନ୍ତି। ଏମାନଙ୍କର ଭୀଷଣ ଏକତା ଅଛି ସରକାରୀ ବିରୁଦ୍ଧାଚାରଣରେ ସମୁହ ବିରୁଦ୍ଧସ୍ୱର ତୋଳୁଛନ୍ତି। ହେଲେ ଆମର ପୂର୍ବବସ୍ତୀ ବାସିନ୍ଦାଙ୍କର ସମୂହ ଶକ୍ତି କେବେ କାମ କରୁନାହିଁ। ବସ ପରିବହନ କାର୍ଯ୍ୟରେ ବହୁ ଘରୋଇ ବସ ନିଯୁକ୍ତ ରହିଛନ୍ତି। ଏ ବସ ମାଲିକ ମାନଙ୍କର ଏକତା ୟୁନିଅନ ଅଛି। ସମୟକୁ ଦରଦାମ ବଢୁଛି ଲେ ଦର ବଢୁଛି ସରକାରୀ କର ମଧ୍ୟ ବଢୁଛି। ଏହି ବସରେ ମୁତୟନ କର୍ମଚାରୀ ଦରମା ପାଇଁ ଅଡ଼ି ବସୁଛନ୍ତି ତେଲଦର ଗାଡ଼ିର ମରାମତି ଯନ୍ତ୍ରାଂଶ ଓ ମରାମତି ଖର୍ଚ୍ଚ ବଢୁଛି। ଏ ପ୍ରକାର ଯୁକ୍ତି ଦର୍ଶାଇ ଗାଡ଼ି ଭଡ଼ା ବଢ଼ାଇବାକୁ ବସ ୟୁନିଅନ ସରକାରଙ୍କ ପରିବହନ ବିଭାଗରେ ଯୁକ୍ତି ଉପସ୍ଥାପିତ କରି ଠିକ ମାସ ଛୁଟି ଦିନ ବେଳକୁ ଘରକୁ ଫେରୁଥିବା ବିଦେଶୀଆଙ୍କ ଉପରେ ଭଡ଼ାର ନୂଆରେଟ ଲଗାଇ କାନମୋଡ଼ି ବର୍ଦ୍ଧିତ ଭଡ଼ା ଅସୁଲ କରୁଛନ୍ତି। ଏ ପରିପ୍ରେକ୍ଷୀରେ ପାସେଞ୍ଜରଙ୍କ ୟୁନିଅନ ଏ ଦେଶରେ ନାହିଁକି ବିଲେଇ ବେକରେ ଘଣ୍ଟି ବାନ୍ଧିବାକୁ କେହି ନାହିଁ। ଏମିତି ଅନେକ ସମସ୍ୟାର କିଛି ସ୍ଥାୟୀ ସମାଧାନର ଆଶା ନିର୍ବାଚନ ପ୍ରାର୍ଥୀମାନେ ଲୋକଙ୍କ ମନ ଜାଣିବା ଭଳି ଦର୍ଶାନ୍ତି କିନ୍ତୁ କାହିଁ। ଭୋଟ ସରେ ସବୁ ଆଶା ମଉଳେ।

ପାଣି ନହେଲେ ସଂସାର ଅଚଳ। ବିଶୁଦ୍ଧ ବାୟୁ ନହେଲେ ବି ନଚଳେ। ପ୍ରଗତି ପାଇଁ କଳକାରଖାନା ବସୁଛି ଗଛକଟା ଚାଲିଛି, ଧାନକ୍ଷେତ୍ର କାରଖାନା ରାସ୍ତାରେ ଚାଲିଯାଉଛି। ପୋଖରୀ ଖାଲ, ଜାଗା ପୋତା ଚାଲିଛି ନଦୀରୁ ମୋଟର ଲଗାଇ କାରଖାନାକୁ ଦରକାରୀ ପାଣି ନିଆଯାଉଛି। ଗଛ ନଥିବାରୁ ଜଳ ବିଶୋଷଣ କ୍ରିୟା ରଦ୍ଧ, ଖାଲଖମା, ପୋଖରୀ ପୋତା ଯୋଗୁ ଓ ପେୟଜଳର କୁମ୍ଭୀର ଖୋଳା କୂପ ଅଚଳ ଏହାର ବରଣ ମାଟି ତଳେ ବହୁ ମଳ ଭାଣ୍ଡ ସର୍ବତ୍ର ଖୋଳାଯାଇ ଦୂଷିତ ଜଳ ଲିକ ହୋଇ କୂପଜଳ ଦୂଷିତ ହେଉଛି। ବାସ ଜଳସ୍ତର ତଳକୁ ତଳ ଖସୁଛି। ବାୟୁ ମଣ୍ଡଳ କଳକାରଖାନା ଯୋଗୁ ଦୂଷିତ ଏହା ସମସ୍ତେ ଜାଣୁଛନ୍ତି ମାତ୍ର ନାଚାର। ଏସବୁର ମୌଳିକ ସ୍ତର କେମିତି କାୟମ ହେବ ଏହି ଭୋଟରେ ଭୋଟର ଚିନ୍ତନ କରନ୍ତୁ ଭୋଟରେ ଠିଆ ହେବା ପ୍ରାର୍ଥୀମାନେ ଏଥିରେ ହେଜ କରନ୍ତୁ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ଅଜ୍ଞ ମଣିଷ



ଅଲେଖ ଚନ୍ଦ୍ର ସାମଲ

ଆଜିର ମଣିଷ ଅହଂ ରୂପକ କାରାଗାର ମଧ୍ୟରେ ବନ୍ଦୀ। ଜ୍ଞାନହୀନ ହୋଇଥିବା ସତ୍ତ୍ୱେ ସେ ନିଜକୁ ସବୁଠାରୁ ଜ୍ଞାନୀ ମନେକରେ। ପରିବେଶ ଏବଂ ପରିସ୍ଥିତିରୁ କିଛି ଶିଖେନାହିଁ। ପରିଣାମ ସ୍ୱରୂପ ବିଶ୍ୱ ରସାତଳଗାମୀ ହେବାରେ ଲାଗିଛି। କାହାଣୀଟିଏ ଶୁଣିବା ହେଉ। ବଣରେ ରହୁଥିଲେ ଗୋଟିଏ କାଠହଣା ଦମ୍ପତି। ପୁରୁଷ କାଠହଣା ନିଜ ଜୀବନକୁ ନେଇ ସନ୍ତୁଷ୍ଟ ଥିଲା। ତେବେ ମାଈ କାଠହଣା ଥିଲା ଉଚ୍ଚାଭିଳାଷିଣୀ। ଦିନେ ସେ ନିଜର ପୁରୁଷକୁ କହିଲା, ଆହେ ଶୁଣୁଛ, ଏହି ଜଙ୍ଗଲର ବୃକ୍ଷ କଣା କରି କରି ବିରକ୍ତ ଲାଗିଲାଣି। ଚଞ୍ଚୁ ଦୈନିକ ଏକ ପ୍ରକାରର ସ୍ୱାଦ ଆସ୍ୱାଦନ କରୁଛି। ଅନ୍ୟ ଜଙ୍ଗଲର ସନ୍ଧାନ ନିଅ। ପୁରୁଷ କାଠହଣାର ଦୂରକୁ ଯିବା ପାଇଁ ଇଚ୍ଛା ନଥିଲା। ସେ କହିଲା, ମୁଁ ଶୁଣିଛି, କୋଶେ ବାଟ ଦୂରରେ ଥିବା ଜଙ୍ଗଲର କାଠ ଭାରି ଟାଣ। ଚଞ୍ଚୁ ଭାଙ୍ଗିଯାଇପାରେ। ମାଈ କାଠହଣା ଜିଗର କରି କହିଲା, ନ ଗଲେ ଜାଣିବ କିପରି? ଉଦ୍ୟମ ନକଲେ ବୁଝିବ କିପରି? ପ୍ରାଣପ୍ରିୟା ପତ୍ନୀର କଥା ଭାଙ୍ଗି ନପାରି କାଠହଣା ବାହାରିଲା। ପାଖ ଜଙ୍ଗଲରେ ପହଞ୍ଚିବା ବେଳକୁ ବର୍ଷା ଆସିଲା। ଦୈବକୁ କାଠହଣା ବସିଥିବା ଗଛ ଉପରେ ବଜ୍ର ପଡ଼ିଲା। ଠିକ୍ ସେହି ମୁହୂର୍ତ୍ତରେ ଚଞ୍ଚୁ ଦ୍ୱାରା ଗଛ ଉପରେ ପ୍ରଥମ ଆଘାତ ବସାଇଥାଏ କାଠହଣା। ବଜ୍ର ପ୍ରଭାବରେ ଭୂତଳଶାୟୀ ହେଲା ଗଛ। କାଠହଣା ବାପୁଡ଼ା ବୁଝିଲା, ତାହା ସମ୍ଭବ ହୋଇଛି ତା ଚଞ୍ଚୁର ଆଘାତ ଯୋଗୁଁ। ସେ ପୁଲକିତ ହୋଇ ସୁଖବର ଶୁଣାଇବା ପାଇଁ ଚାଲିଲା ସ୍ତ୍ରୀ ପାଖକୁ। ମଣିଷଙ୍କ ଅବସ୍ଥା ସେହି ଅଜ୍ଞ କାଠହଣା ପରି। ନିଜ ଭିତରେ ମଣିଷ ହଜିଯାଇଛି। ବାହାର କଥା ଦେଖିବାକୁ ଏବଂ ବୁଝିବାକୁ ସାମର୍ଥ୍ୟ ହରାଇସାରିଛି। ଆଉ ଅହଂମୁକ୍ତ ନ ହେଲେ, ଅଜ୍ଞାନ ଅନ୍ଧକାର ମଧ୍ୟରୁ ନ ବାହାରିଲେ ପତନ ଅବଶ୍ୟମ୍ଭାବୀ।

*ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର*

# ସବୁ ଦଳଙ୍କ ରାଜନୀତି ଏକ୍



ଗୋପାଳ ମହାପାତ୍ର

ଦେଶରେ ଏବେ ଲୋକସଭା ନିର୍ବାଚ଼ନ ଚ଼ାଲିଛି । ଦେଶର ଜନସାଧାରଣ ସେମାନଙ୍କର ବହୁମୂଲ୍ୟ ଭୋଟ ଦେଇ ଆସନ୍ତା ୫ବର୍ଷ ପାଇଁ ଦେଶକୁ କିଏ ଶାସନ କରିବ ସେକଥା ସ୍ଥିର କରିବେ । ଶାସକ ହେବା ପାଇଁ ମଧ୍ୟ ନେତାଙ୍କ ଧାଁ ଦଉଡ ଚ଼ାଲିଛି । କିଏ ହେଲିକେପ୍ଟରରେ ନିର୍ବାଚ଼ନ ପ୍ରଚ଼ାର ପାଇଁ ଯାଉଛି ତ କିଏ ଗାଡିରେ, ଏମିତି ନେତାମାନେ ପ୍ରଚ଼ାର କରିବାକୁ ଯାଉଛନ୍ତି । ସହର,ଗାଁ ଏପରିକି ଘରଘର ବୁଲି ନେତାମାନେ ପ୍ରଚ଼ାର କରୁଛନ୍ତି । ଭୋଟରଙ୍କୁ ପ୍ରତିଶ୍ରୁତି ଦେଉଛନ୍ତି ଏବଂ ଆଶ୍ୱାସନା ମଧ୍ୟ ଦେଉଛନ୍ତି । ଜଣେ କହୁଛି "ଚ଼ିନ୍ତା କରନି- ଆଗକୁ ଭଲ ସମୟ ଆସୁଛି । ଆମକୁ ଭୋଟ ଦିଅ" । ଅନ୍ୟ ଜଣେ କହୁଛି ତାଙ୍କ କଥା ସୁଣନି, ଆମକୁ ଭୋଟ ଦିଅ । ଆମେ ତୁମର ସବୁ ଦୁଃଖ ଦୂର କରିବୁ । ଏହିଭଳି କଥା ବିଗତ ୭୭ ବର୍ଷ ହେଲା ଏ ଦେଶର ଭୋଟରମାନେ ଶୁଣି ଆସୁଛନ୍ତି । ଏଇ ୭୭ ବର୍ଷ ମଧ୍ୟରେ ଦେଶରେ ଅନେକ ସରକାର ଗଠନ ହୋଇଛି ଓ କେତେକ ସରକାର ମଧ୍ୟ ଭାଙ୍ଗିଛି । ସବୁ ଦଳର ସରକାର ଗଠିତ ହୋଇଛି, କେବେ ମେଣ୍ଟ କରି ତ ପୁଣି କେବେ ଏକାକୀ । ଲୋକେ କିନ୍ତୁ ସବୁଥର ଭୋଟ ଦେଇଛନ୍ତି । କେବେ ଏଇ ଦଳକୁ ତ କେବେ ସେଇ ଦଳକୁ । କିନ୍ତୁ ହେଇଛି କ'ଣ ? କ'ଣ ଲୋକଙ୍କର/ ଆମର ଆଶା ପୂରଣ ହୋଇଛି ? କ'ଣ କୌଣସି ସମସ୍ୟାର ସମାଧାନ ହୋଇଛି ? କ'ଣ ସମସ୍ତଙ୍କୁ ରୋଜଗାର ମିଳିଛି ? ଆମ ପିଲାଙ୍କ ଭବିଷ୍ୟତ କ'ଣ ? ଦେଶର ଚ଼ିତ୍ର ବଦଳିଛି ? କିନ୍ତୁ ଯାହା କିଛି ହୋଇଛି ତାହା କେତେ ଲୋକଙ୍କର ହୋଇଛି ?

କୁହାଯାଏ ଯେ ଗଣତନ୍ତ୍ର ଏମିତି । ଗଣତନ୍ତ୍ରରେ ଜନସାଧାରଣ ମାଲିକ ବୋଲି କୁହାଯାଏ କିନ୍ତୁ ଶାସନ ଚ଼ାଲେ ଦଳଙ୍କର । ସମାଜବାଦର ସ୍ଲୋଗାନ ଦିଆଯାଏ କିନ୍ତୁ ବଢିଥାଏ ସାମନ୍ତବାଦ ଏବଂ ପୁଞ୍ଜିବାଦ । ବିଗତ ବର୍ଷମାନଙ୍କରେ ସରକାର ସମାଜବାଦ କଥା କହି ସବୁ କିଛି ନିଜ ହାତକୁ ନେଇଯାଇଛନ୍ତି ଆଉ ସାଧାରଣ ଲୋକ ଖାଦ୍ୟ ଓ ବସ୍ତ୍ର ଭଳି ସମସ୍ୟାକୁ ନେଇ ହନ୍ତସନ୍ତ । ବିକାଶ ନାଁରେ କାରିଗରମାନଙ୍କର କାରିଗରୀ ଗଲା । କ୍ଷୁଦ୍ର ଚ଼ାଷୀଙ୍କ ଅଣ୍ଟା ଭାଙ୍ଗିଲା , ଯୁବକଙ୍କ ଭବିଷ୍ୟତ ଗଲା , ସବୁ ଗାଁରେ ରାଜନୀତି ଯୋଗୁଁ କଳହ, ଜାତିକୁ ନେଇ ଓ ରାଜନୈତିକ ଦଳକୁ ନେଇ ଲେକେ ବିଭାଜିତ ହେଲେ । ଶୋଷଣ ବଢିଲା । ପଇସା ପରମେଶ୍ୱର ପାଲଟିଗଲା । କିନ୍ତୁ ଲାଭ ସେମାନଙ୍କର ହେଲା ଯିଏ ନେତା ହେଲେ, ଯିଏ ନେତାଙ୍କ ପଛପେଲା ପାଲଟିଲେ ଆଉ ଅଫିସରଙ୍କର ମଧ୍ୟ ଲାଭ ହେଲା । ଦେଶର ସବୁ ବିଧାନସଭା, ବିଧାନ-ପରିଷଦ (ଓଡିଶାରେ ବିଧାନ ପରିଷଦ ନଥିଲେ ମଧ୍ୟ ଅନେକ ରାଜ୍ୟରେ ଅଛି)ଏବଂ ସାଂସଦଙ୍କୁ ମିଶାଇ ପାଖାପାଖି ୫ ହଜାର ନେତା ଅଛନ୍ତି । ତାଙ୍କର ଦଳ ଅଛି, ତାଙ୍କର ସରକାର ମଧ୍ୟ ଅଛି । ଜନତାଙ୍କ ଟିକସ ଅର୍ଥରେ ଏମାନେ ମଜା କରୁଛନ୍ତି । ଗାଁ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଏମାନେ ବ୍ୟାପିଛନ୍ତି । ଏମାନଙ୍କ ପାଖରେ ପ୍ରଭୁତ୍ୱ ରହିଛି ଏବଂ ପୁଞ୍ଜି ମଧ୍ୟ ରହିଛି । ପ୍ରଭାବ ବି ରହିଛି । ଯେକୌଣସି ସ୍ତର ପର୍ଯ୍ୟନ୍ତ ଏମାନେ ପହଞ୍ଚି ପାରୁଛନ୍ତି । ପଦ ପଦବୀ ମଧ୍ୟ ଏମାନଙ୍କ ପାଖରେ ରହିଛି । ପ୍ରଶାସନ, ବ୍ୟବସ୍ଥା, ବିକାଶ, ପାଣି, ବିଜୁଳି, ବଜାର-ଦର, ଶିକ୍ଷା ଏବଂ ନ୍ୟାୟ ସବୁ କିଛି ଏମାନଙ୍କ ହାତରେ । ସବୁରି ଉପରେ ଦଳ ରାଜନୀତିର ପ୍ରଭାବ ରହିଛି । ସ୍ୱରାଜ୍ୟର ପ୍ରକୃତ ସୁଖ ଏମାନେ ଓ ଏମାନଙ୍କ ଲୋକମାନେ ହିଁ ଭୋଗ କରୁଛନ୍ତି । ବାକି ଲୋକଙ୍କ ପାଇଁ ଜୀବନ ଏକ ଲାମ୍ବା ଅନ୍ଧାରି ରାତି ଭଳି । କ'ଣ ଏମାନେ ଏମିତି ବୁନିଆଦିର ପରିବର୍ତ୍ତନ ଚ଼ାହିଁବେ ଯାହା ସେମାନଙ୍କ ପ୍ରଭୁତ୍ୱକୁ ହ୍ରାସ କରିବ ? ଏମାନେ ଜାଣନ୍ତି ଯେ ସାଧାରଣ ଲୋକଙ୍କୁ ଭୂଡେଇ ଦେଇ ହେବ ଏଣୁ ସେମାନେ ଲୋକଙ୍କୁ ମୋହ କରିବା ପାଇଁ ଅନେକ ପ୍ରତିଶ୍ରୁତି ଦେଇଥାନ୍ତି । ସାଧାରଣ ଲୋକେ କେତେବେଳେ ଏଇ ଦଳକୁ ମାନିଥାନ୍ତି ତ ଆଉ କେତେବେଳେ ସେଇ ଦଳକୁ । ଏହି ଭ୍ରମରେ ପଡି ଲୋକେ ଭୁଲିଯାଇଥାନ୍ତି ଯେ ଦଳର ନାମ ଯାହା ବି ହେଉନା କାହିଁକି ସମସ୍ତଙ୍କର ରାଜନୀତି ତ ଏକ । ଲାଲାଜୀ ଏକ୍ କିନ୍ତୁ ଦୋକାନ ଅଲଗା ଅଲଗା । ସବୁ ଦଳ ଗାଦି ପାଇଁ ପାଗଳ । ଜନତାଙ୍କ ପାଇଁ କେହି ପାଗଳ ନୁହଁନ୍ତି । ଶାସନ ବଢୁଛି ଏବଂ ଶାସନ ପାଇଁ ସମ୍ପତ୍ତି ମଧ୍ୟ ବଢୁଛି । ଶାସନ ଏବଂ ସମ୍ପତ୍ତିର ମେଣ୍ଟର ନାଁ ହେଉଛି ରାଜନୀତି । ଏହି ଦଳଗତ ରାଜନୀତି ପରିବର୍ତ୍ତନ ବିରୋଧୀ, ରାଷ୍ଟ୍ର ବିରୋଧୀ ଏବଂ ଗଣତନ୍ତ୍ର ବିରୋଧୀ ।

ସତ କଥା ହେଉଛି ଆଜି ପର୍ଯ୍ୟନ୍ତ ଆମେ ଯାହାକୁ ଗଣତନ୍ତ୍ର ବୋଲି ଭାବୁଥିଲେ ତାହା ଗଣତନ୍ତ୍ର ନୁହେଁ ଦଳତନ୍ତ୍ର । ଆଉ ଆମେ ଯାହାକୁ ସମାଜବାଦ ଭାବୁଥିଲେ ତାହା ହେଉଛି ଶୁଦ୍ଧ ସରକାରବାଦ । ଆମର ଏହି ଭୂଲର କାରଣରୁ ଆମ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି । ଗଣତନ୍ତ୍ର ନାମରେ ଆମେ ଅନେକ ଦଳରେ ବାଣ୍ଟି ହୋଇଯାଇଛେ । ସଂଗଠିତ ହୋଇ ଆମେ ଆମର ବୁନିଆଦି ସମସ୍ୟାର ସମାଧାନ କରିବା ପାଇଁ ଉଦ୍ୟମ କରିନାହେଁ। ଗାଁ ର ଲୋକ, ସହରର ଲୋକ, ବିଦ୍ୟାର୍ଥୀ, ଶିକ୍ଷକ, ଶ୍ରମିକ,ସବୁ ଜଣେ ଅନ୍ୟ ଜଣକ ସାମନାରେ ଦମ୍ଭ ଦେଖାଇ ଛିଡା ହେଉଛେ । ସାରା ଦେଶ ଶାସନ ଗାଦି ପାଇଁ ଲଢେଇରେ ଫସିଯାଇଛି । ସେପଟେ ନେତାଏ ଲୋକଙ୍କ କଲ୍ୟାଣ କଥା କହି ସମାଜକୁ ବିଭାଜିତ କରିଚ଼ାଲିଛନ୍ତି । ଲୋକେ ଯେମିତି କିଛି ନୁହଁନ୍ତି । ସରକାର ଯାହା ଖୁଆଇବେ ଆମେ ତାହା ଖାଇବା, ଯାହା ପଢାଇବେ ଆମେ ତାହା ପଢିବା, ଯାହା କହିବେ ଆମେ ସେଇଆ ହିଁ କରିବା, ଏବେ ଏହିଭଳି ସ୍ଥିତି ହୋଇଯାଇଛି । କୁଆଡେ ଗଲା ଗାନ୍ଧୀଙ୍କ ଗ୍ରାମସ୍ୱରାଜ, କଂଗ୍ରେସର ପଞ୍ଚାୟତିରାଜ, ଲୋହିଆଙ୍କ ଚୌଖମ୍ଭାରାଜ ଓ କମ୍ୟୁନିଷ୍ଟଙ୍କ କୃଷକେ-ଶ୍ରମିକ ରାଜ । କହିବାକୁ ଗଲେ ସରକାର ଆମର, ଦେଶ ଆମର, ଦଳ ମଧ୍ୟ ଆମର କିନ୍ତୁ ଜନତା ? ଜନତା କିନ୍ତୁ ପର ହୋଇଯାଇଛନ୍ତି ।

ନିର୍ବାଚ଼ନକୁ ଅସହାୟ ଜନତାଙ୍କ ଉପରେ ଆକ୍ରମଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ନିର୍ବାଚ଼ନ ଲଢୁଥିବା ନେତାଙ୍କ ପାଖରେ ପ୍ରଚୁର ଧନ । ମିଛକୁ ସତ ବୋଲି ସାବ୍ୟସ୍ତ କରିପାରିବାର ପ୍ରଚ଼ାର ସାଧନ ଏବଂ ଭୋଟ ଛଡାଇ ନେବା ଭଳି ଶକ୍ତି ମଧ୍ୟ ରହିଛି । ଏମାନେ ଆମକୁ ନିର୍ଭୟରେ ଭାବି ଚ଼ିନ୍ତି ଭୋଟ ଦେବାପାଇଁ ମଧ୍ୟ ସୁଯୋଗ ଦେଉନାହାନ୍ତି । ଏମିତି ନିର୍ବାଚ଼ନରେ ଶୁଦ୍ଧ ଗଣତନ୍ତ୍ର କେମିତି କାଏମ ହେବ ? ପ୍ରଶ୍ନ ହେଉଛି ଆଉ କେତେ ଦିନ ଆମେ ଏମିତି ଦିନ ଅସହାୟ ହୋଇ ରହିବା ?କ'ଣ ଏବେବି ସମୟ ଆସିନି ଆମେ ଏଇ ଦଳତନ୍ତ୍ରକୁ ଛାଡି ପ୍ରକୃତ ଗଣତନ୍ତ୍ରକୁ ଖୋଜିବା ପାଇଁ ? ନିର୍ବାଚ଼ନ ଚ଼ାଲିଛି । କିଏ କାହାକୁ ଭୋଟ ଦେବ ସେକଥା ଅଲଗା, କିନ୍ତୁ ଲାଳସା ଏବଂ ଡର ତଥା ଜାତି ଧର୍ମର ଭେଦଭାବ ଠାରୁ ଦୂରରେ ରହି ଭୋଟ ଦେବା ଉଚ଼ିତ୍। ଏକଥା ଚ଼ିନ୍ତା କରି ଭୋଟ ଦେବା ଉଚ଼ିତ୍ ଯେ ଦଳଠାରୁ ଦେଶ ବଡ । ଆମକୁ ଏମିତି ଗଣତନ୍ତ୍ର ଆଣିବାକୁ ପଡିବ ଯିଏ ନିର୍ବାଚ଼ନ ବେଳେ ଆସି ନିର୍ବାଚ଼ନ ପରେ ପଳେଇ ନ ଯିବ ବରଂ ଯିଏ ସମାଜକୁ ସଂଗଠିତ କରି ରଖିପାରିବ । ଯେଉଁ ଗଣତନ୍ତ୍ରରେ ସମସ୍ତେ ଭାଗୀଦାରୀ ହୋଇପାରିବେ, ଯେଉଁ ଗଣତନ୍ତ୍ରରେ ଆମ ଉପରେ କିଏ ହୁକୁମାତି କରିବ ସେ ବାବଦରେ ନିଷ୍ପତି ହେଉନଥିବ ବରଂ ସମସ୍ତେ କେମିତି ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ଭିତରେ ଚ଼ଳିବେ ସେ କଥାର ନିଷ୍ପତି ନିଆଯିବ । କିନ୍ତୁ ଏହା ହେବ କେମିତି ? ଲୋକ ଶକ୍ତି ନାହିଁ ତ କେମିତି ଗଣତନ୍ତ୍ର ଓ କେମିତି ସମାଜବାଦ ?

*ରାମଚନ୍ଦ୍ରପୁର, ରଣପୁର, ମୋ-୯୪୩୮୪୮୫୦୯୪*

# ପନ୍ଦର ମିନିଟ ବନାମ ପନ୍ଦର ସେକେଣ୍ଡ



ଭାସ୍କର ବାରିକ୍

ନିର୍ବାଚ଼ନ ମୈଦାନରେ ଭାରତବର୍ଷର ସବୁ ରାଜନୈତିକ ଦଳ ନିଜ ନିଜର ଶୈଳୀରେ ପ୍ରଚ଼ାର କରନ୍ତି ନିର୍ବାଚ଼ନ ସମୟରେ । ନିଜ ଦଳର ନିର୍ବାଚ଼ନୀ ଇସ୍ତାହାରରେ ସେମାନେ କ୍ଷମତାକୁ ଆସିଲେ ଲୋକଙ୍କ ପାଇଁ, ଦେଶ ପାଇଁ,ସମାଜ ପାଇଁ କ'ଣ କରିବେ, ତା'ର ଲମ୍ବା ଚ଼ଉଡା ତାଲିକା ଲୋକଙ୍କ ଆଗରେ ରଖନ୍ତି । ସ୍ୱାଧୀନତା ପ୍ରାପ୍ତି ପରଠାରୁ ଆଜିଯାଏ ଦେଶ ପାଇଁ କିଏ କ'ଣ କରିଛି, ନିଜ ନିର୍ବାଚ଼ନୀ ଇସ୍ତାହାରରେ ଲୋକଙ୍କୁ ଦେଇଥିବା କଥା କେତେ ପୁରଣ ହୋଇଛି,ସେକଥା କହିବାର ଆବଶ୍ୟକତା ନାହିଁ ଜ୍ଞାନୀ ପାଠକ ମାନଙ୍କୁ । ନିର୍ବାଚ଼ନ ପରେ ମତଦାତାଙ୍କ ଆଶିର୍ବାଦରେ ଯେଉଁ ଦଳ ବି କ୍ଷମତାକୁ ଆସିଛି , ଅଳ୍ପ ବହୁତ ସେହି ଦଳ କିଛି ନା କିଛି କରିଛି ଦେଶ ପାଇଁ, ଲୋକଙ୍କ ପାଇଁ । ଅତୀତରେ ଅନେକ ମାରାତ୍ମକ ଭୁଲ୍ ବି ହେଇଛି ଦେଶର ଏକତା ଓ ସୁରକ୍ଷାକୁ ନେଇ । ଏକଥା ସ୍ୱୀକାର୍ଯ ଯେ ଦେଶର ପ୍ରଗତି ହୋଇଛି । କିନ୍ତୁ ଯେଉଁ ହାରରେ ଉନ୍ନତି ହେବା କଥା ହୋଇନାହିଁ । ପାଖାପାଖି ଆଠ ଦଶନ୍ଧି ବିତିଗଲାଣି ସ୍ୱାଧୀନତା ପ୍ରାପ୍ତି ପରଠାରୁ । ତଥାପି ଏ ଦେଶରୁ ଗରିବୀ ହଟିନି। ଦାରିଦ୍ର୍ୟ ସୀମାରେଖା ତଳେ ଏବେବି କୋଟି କୋଟି ଲୋକ । କିନ୍ତୁ ଦୂର୍ଭାଗ୍ୟ ବର୍ତ୍ତମାନ ପରିସ୍ଥିତିରେ କିଛି ରାଜନେତା ନିଜ ଦେଶର ଲୋକଙ୍କ ପ୍ରଗତି କଥା ଯେତେ ଚ଼ିନ୍ତା କରୁ ନାହାଁନ୍ତି, ବାହାର ଦେଶରୁ ଲୁଚ଼ିଛପି ଆମ ଦେଶକୁ ପଶି ଆସୁଥିବା ଲୋକଙ୍କ ପାଇଁ ଭାରି ଚ଼ିନ୍ତିତ । ଭୋଟ୍ ପାଇଁ ଉହଳବିକଳ । ସେମାନଙ୍କୁ ଯେନତେନ ପ୍ରକାରେ ଆଧାର କାର୍ଡ,ରେସନ କାର୍ଡ, ଭୋଟର କାର୍ଡ ଯୋଗେଇ ଭୋଟ୍ ହାତେଇବାକୁ ବ୍ୟାକୁଳ । ଯେଉଁମାନେ ଏମିତି କରୁଛନ୍ତି, ସେମାନେ ବୋଧହୁଏ ଭାବୁଛନ୍ତି ଭାରତ ଏକ ଧର୍ମଶାଳା । ମୋର ସନ୍ଦେହ ହୁଏ ଭାରତବର୍ଷକୁ ଆଉଥରେ ଭାଗ କରିବାକୁ ଭିତିରିଆ କିଛି ଅଭିସନ୍ଧି ସେମାନଙ୍କ ମନ ଭିତରେ ନାହିଁ ତ ? ସେମାନଙ୍କ ନିଜ ଘରକୁ ଯଦି କେହି ଜଣେ ଚୋର ପଶିଆସେ, ତାହେଲେ ସେମାନେ କ'ଣ ଚୁପ୍ ରହିବେ ଓ ଚୋରକୁ କହିବେ ବାବାରେ ତୁ ବଡ଼ କଷ୍ଟ ସ୍ୱୀକାର କରି ଆମ ଘରକୁ ଆସିଛୁ, ଆମ ଘରେ ଯାହା ଅଛି ସବୁ ନେଇଯା ? ସହର ପାଖାପାଖି ଯେଉଁ ମୂଲ୍ୟବାନ ସରକାରୀ ଜାଗା ଅଛି, ସେଇଠି ଘରଟିଏ ତିଆରି କରି ଆରାମରେ ରହ । ତୋର ସୁବିଧା ଅସୁବିଧାରେ ଆମେ ଅଛୁ । ତୋର କିଛି ଚ଼ିନ୍ତା କରିବାର ନାହିଁ ।ଏକଥା ସେମାନେ କଦାପି କରିବେନି କାରଣ ଏଥିରେ ତାଙ୍କର ବ୍ୟକ୍ତିଗତ କ୍ଷତି ହେବ । କିନ୍ତୁ ଦେଶ କଥା ଆସିଲେ, ମତ ବଦଳି ଯାଉଛି ପାଣିପାଗ ବଦଳିବା ପରି କାରଣ ଏଠି ଚୋର ତସ୍କର ମାନଙ୍କର ଭୋଟ୍ ହାତେଇ କ୍ଷମତାକୁ ଆସିବାର ଅଛି । କ୍ଷମତାକୁ ଆସିବା ପରେ ଆରମ୍ଭ ହେଉଛି ତୁଷ୍ଟିକରଣପାଇଁ ପ୍ରୟାସ । ଏକଦା ଭାରତର ଜଣେ ଜଣାଶୁଣା ଜ୍ଞାନୀ ଅର୍ଥନୈତିକ ବିଶାରଦ ପ୍ରଧାନମନ୍ତ୍ରୀ ଥିଲାବେଳେ କହିଲେ, ଏ ଦେଶର ସମ୍ପତ୍ତି ଉପରେ ପ୍ରଥମ ଅଧିକାର ସଂଖ୍ୟା ଲଘୁ ସମ୍ପ୍ରଦାୟର ବିଶେଷକରି ମୁସଲମାନ ମାନଙ୍କର । ଏଇଟା କ'ଣ ଧର୍ମ ନିରପେକ୍ଷତା ? ସେ କାହିଁକି ଏମିତି ମନ୍ତବ୍ୟ ଦେଲେ, ଏଯାବତ ବୁଝା ପଡୁନି । ଏ ଦେଶରେ ମୁସଲମାନ ଯଦି ସଂଖ୍ୟା ଲଘୁ, ତାହେଲେ, ଜୈନ ଧର୍ମ, ଗୋ ?ତମ ବୁଦ୍ଧଙ୍କୁ ପୂଜା କରୁଥିବା ଲୋକ, ଯିଶୁଙ୍କୁ ପୂଜା କରୁଥିବା ଲୋକଙ୍କ ସଂଖ୍ୟା କେତେ ଏ ଦେଶରେ ? ବାସ୍ତବରେ ସଂଖ୍ୟା ଲଘୁ କେଉଁମାନେ ? ଉଚ୍ଚ଼ ସାମ୍ବିଧାନିକ ପଦପଦବୀରେ ଥିବା ଲୋକଙ୍କ ପାଖରୁ ଏମିତି ମନ୍ତବ୍ୟ କେତେଦୂର ଯୁକ୍ତିଯୁକ୍ତ ଓ ଗ୍ରହଣୀୟ ? ସେହି ବ୍ୟକ୍ତି କ୍ଷମତାରେ ଥିଲାବେଳେ ଓଡ଼ିଶାରୁ କିଛି ମାନ୍ୟଗଣ୍ୟ ରାଜନେତା ଓଡ଼ିଶାର ଉନ୍ନତି ପାଇଁ କିଛି ଦାବି ଉପସ୍ଥାପନ କରିଥିଲେ ଦିଲ୍ଲୀରେ । କିନ୍ତୁ ଉତ୍ତର ଥିଲା ଟଙ୍କା ଗଛରେ ଫଳୁନି । କିଛିଦିନ ତଳେ ଦେଶର ଜଣେ ତୁଙ୍ଗ ନେତା ଏକ ଭାଷଣରେ କହିଲେ ସେ କୁଆଡେ ଗୋଟିଏ ଝଟକାରେ ଦେଶରୁ ଗରିବୀ ହଟେଇ ଦେବେ । ଦଶନ୍ଧି ଦଶନ୍ଧି ଧରି ତୁମ ଦଳ କ୍ଷମତାରେ ରହିଲା, ଦାରିଦ୍ର୍ୟ ହଟିଲା ନାହିଁ, କିନ୍ତୁ ଏବେ ତୁମେ ଗୋଟେ ଝଟକାରେ ସବୁ ଓଲଟ ପାଲଟ କରିଦେବ । ଅବାନ୍ତର, ହାସ୍ୟାସ୍ପଦ କଥା । ଏବେ ଆସିବା ଅସଲ କଥାକୁ । କିଛି ବର୍ଷତଳେ, ବୋଧହୁଏ ୨୦୧୩ ରେ ,ହାଇଦରାବାଦର ଜଣେ ନେତା ଭାଷଣରେ ଏକଦା କହିଥିଲେ ଯଦି ପନ୍ଦର ମିନିଟ ପାଇଁ ଏ ଦେଶରୁ ପୁଲିସ୍ ହଟେଇ ଦିଆଯାଏ, ତାହେଲେ ଆମେ ଶହେ କୋଟି ଲୋକଙ୍କୁ ଆମର ଔକାତ ଦେଖେଇ ଦେବୁ । ଏହାର ଅର୍ଥ କ'ଣ କାହାକୁ ଅଛପା ନାହିଁ । ଏହି ମନ୍ତବ୍ୟ ପଛରେ କେଉଁ ପୈଶାଚ଼ିକ ପ୍ରବୃତ୍ତି ଲୁଚ଼ି ରହିଛି, ତାହା ସ୍ପଷ୍ଟଭାବେ ବୁଝି ହେଉଛି । ଏହି ଅବାଞ୍ଛିତ ମନ୍ତବ୍ୟକୁ ନେଇ ସେତେବେଳେ ଯେତିକି ବିରୋଧ ହେବାକଥା, ତାହା ହୋଇ ନଥିଲା । ବିରୋଧ କରିଥିଲେ ବୋଧହୁଏ ହାତରୁ ଭୋଟ୍ ଚ଼ାଲି ଯାଇଥାନ୍ତା । ଏମିତି ଘୃଣ୍ୟ ମନ୍ତବ୍ୟ ଦେଇଥିବା ମହାପୁରୁଷଙ୍କ ବଡଭାଇ ଆଉ ଦୁଇପାଦ ଆଗକୁ ଯାଇ ଏକଦା ଏକ ଭରପୁର ସଭାସ୍ଥଳୀରେ ପୁଲିସ୍ ଭାଇ ମାନଙ୍କୁ, ଲୋକମାନଙ୍କୁ ଚ଼ିଲେଇ ଚ଼ିଲେଇ ଧମକ ଦେଲେ ଯେ ମୋଦି କି ଯୋଗୀ ସବୁବେଳେ କ୍ଷମତାରେ ନଥିବେ । ସେମାନେ କ୍ଷମାତାରୁ ଗଲାପରେ, ତୁମକୁ ଅର୍ଥାତ୍ ହିନ୍ଦୁ ମାନଙ୍କୁ କିଏ ରକ୍ଷା କରିବାକୁ ଆସିବ ? ସେତେବେଳେ ତୁମେମାନେ କୁଆଡେ ଯିବ । ଏ କେଉଁ ପ୍ରକାରର ଉଦ୍ଭ୍ରାନ୍ତ ପଣିଆ ? ସେତେବେଳେ ଚୁପଥିବା ମୁସଲମାନ ମାନେ ସେମାନଙ୍କର ଅସଲ ରୂପ ଦେଖେଇବେ । ଏମିତି ଘୃଣାର ଭାଷଣ ଦେଇ ସମାଜକୁ କେଉଁ ବାର୍ତ୍ତା ଦେବାକୁ ଚ଼ାହୁଁଛ ଦୂଇଭାଇ । ଏମିତି କରି ନିରୀହ ଗରୀବ ଅଶିକ୍ଷିତ ନିରକ୍ଷର ଲୋକଙ୍କୁ ଧର୍ମର ଅଫିମ ଖୁଆଇ ନିଶାସକ୍ତ କରି ସମାଜକୁ ଭାଗ ଭାଗ କରୁଛନ୍ତି ଏମାନେ । ଅତୀତରେ ଘଟିଥିବା ମାରାତ୍ମକ ଐତିହାସିକ ଭୁଲ୍ କୁ ସେମାନେ ଠିକ୍ ବୋଲି ପ୍ରମାଣିତ କରିବାକୁ ଚ଼ାହୁଁଛନ୍ତି । ନିଜେ ଭୁଲ୍, ଅନ୍ୟକୁ ବି ସେହି ଭୁଲ୍ ରାସ୍ତାରେ ଯିବାକୁ ଆହ୍ୱାନ ଦେଉଛନ୍ତି । ଧିକ ତମ ମାନସିକତା କୁ । ଛିଃ, କି କଦର୍ଯ୍ୟ କଦାକାର ଭାବନା । ଭାରତ ପରି ଏକ ପବିତ୍ର ମାଟିରେ ତୁମମାନଙ୍କର ଏ ଅବାଞ୍ଛିତ ଘୃଣ୍ୟ ଚ଼ିନ୍ତାଧାରାକୁ କେଉଁ ଭାଷାରେ ଯବାବ ଦିଆଯିବା ଦରକାର, ତାହା ଚ଼ିନ୍ତା କରି ହେଉନି । କାଶ୍ମୀରରେ ଏକ ଦୁର୍ଦାନ୍ତ ସନ୍ତ୍ରାସବାଦୀ ବୁରୁହାନ ୱାନିକୁ ଆମ ସୈନ୍ୟ ବାହିନୀ ନିପାତ କଲେ । ଏଥିରେ ଖୁସି ହେବା ବଦଳରେ କିଛି ତୁଙ୍ଗ ନେତା ଆଗକୁ ଆସି କହିଲେ, ଆହାଃ, ବିଚ଼ରା ଜଣେ ଗରୀବ ହେଡମାଷ୍ଟରଙ୍କ ପୁଅ ଥିଲା । ଏଥିରୁ ଆମେ ସାଧାରଣ ଜନତା କ'ଣ ବୁଝିବା । ସନ୍ତ୍ରାସବାଦକୁ ଏମିତି ନେତାମାନେ ପରଦା ପଛପଟେ ରହି ପ୍ରୋତ୍ସାହନ ଦେଉଛନ୍ତି ନିଶ୍ଚୟ ନିଜର ରାଜନୈତିକ ଫାଇଦା ପାଇଁ । ଏବେ ଦୁଇଦିନ ତଳେ ସେହି ହାଇଦରାବାଦ ଇଲାକାରେ ଜଣେ ନେତ୍ରୀ ପନ୍ଦର ମିନିଟର କଥାର ଯବାବ୍ ଦେବାକୁ ଯାଇ ଏକ ରାଲିରେ କହିଲେ,ପ୍ରିୟ ସାନଭାଇ ତୁମେ ପନ୍ଦର ମିନିଟ ମାଗୁଥିଲ ତୁମ ବୀର ପଣିଆର ପ୍ରମାଣ ପାଇଁ, କିନ୍ତୁ ଆମକୁ ପନ୍ଦର ସେକେଣ୍ଡ ଯଥେଷ୍ଟ । ପନ୍ଦର ସେକେଣ୍ଡରେ ତୁମେ ଜାଣି ପାରିବନି, କେଉଁଠୁ ଆସିଥିଲ ଆଉ କେଉଁଠିକି ଗଲ । ରାଜନୈତିକ ପଡ଼ିଆରେ କଥା କଟାକଟି,ବାକ୍ୟ ବାଣ ଚ଼ାଲେ, କିନ୍ତୁ ତାହା ଶାଳୀନତା ଭିତରେ ରହିବା ଦରକାର । କିନ୍ତୁ ଦୂର୍ଭାଗ୍ୟ ଓ ଦୁଃଖର କଥା ଏହିଯେ, ଜଣେ ପ୍ରଥମେ ଜାଣିବୁଝି ଝଗଡ଼ା ଆରମ୍ଭ କରିବ, ଅନ୍ୟକୁ ଉତ୍ତ ?ଜିତ କରିବ , ମାନସିକତାକୁ ଶକ୍ତ ଆଘାତ ଦେବ, କ୍ଷତାକ୍ତ କରିବ, ତାକୁ ଯେତିକି ବିରୋଧ ହୁଏନି, ଦୋଷୀକୁ କାଉଣ୍ଟର କରୁଥିବା ଲୋକଟିକୁ ଅଧିକ ବିରୋଧ ହୁଏ । ଏ ଦେଶରେ ସମ୍ବିଧାନ ଅଛି, ଆଇନ୍ କାନୁନ୍ ଅଛି । ସମ୍ବିଧାନ ଉପରେ କେହି ନୁହେଁ । ଧର୍ମ ନିରପେକ୍ଷତା ନାମରେ ତମେ ମନକୁ ଯାହା ଆସିବ, ତୁମେ କହିବ । କଣ୍ଟା ବାଡ଼ରେ ନିଜେ ଲୁଗା ଲଗେଇ ଝଗଡ଼ା ଆରମ୍ଭ କରିବ । ଏ କେଉଁ ବିଚ଼ାର ଧାରା, କେଉଁ ପ୍ରକାରର ମଣିଷପଣିଆ ଓ ମାନସିକତାର ପରିଚ଼ୟ । ପ୍ରକୃତରେ ହିନ୍ଦୁ ସଭ୍ୟତାରେ ଦୃଢ଼ ବିଶ୍ୱାସ କରୁଥିବା ଲୋକ କେବେବି ତଳକୁ ଯାଇ ପାରିବନି । କିନ୍ତୁ ଜାଣିଶୁଣି ତୁମେ ଶୋଇଲା ବାଘ ଲାଙ୍ଗୁଡକୁ ଟାଣିଲେ, ସେ ତା'ର ଚ଼ରମ ଯବାବ ନିଶ୍ଚିତ ଦେବ । ହିନ୍ଦୁ ସଭ୍ୟତାରେ ବିଶ୍ୱାସ କରୁଥିବା ଲୋକ, ସଚ୍ଚ଼ା ସନାତନୀ ମନ୍ତ୍ର ଉଚ୍ଚ଼ାରଣ କରିଜାଣେ, ତାହା ସହିତ ବିପଦ ଆସିଲେ ଶସ୍ତ୍ର ବି ଚ଼ଲେଇ ଜାଣେ । ହିନ୍ଦୁର ପ୍ରତି ରକ୍ତ ବିନ୍ଦୁରେ ସହନଶୀଳତା ଉଦାରତା ଓ ସମ୍ବେଦନଶୀଳତା ଅଛି, ତା ଅର୍ଥ ନୁହେଁ ତୁମେ ତା ତଣ୍ଟି ଉପରେ ଗୋଡ଼ ପକେଇ ଚ଼ଢିଯିବ । ଯେତେବେଳେ ସୁବିଧା ହେବ ସମ୍ବିଧାନର ଦ୍ୱାହି ଦେଇ ଯାତ୍ରା କରିବ ଆଉ ଯେତେବେଳେ ସୁବିଧା ହେବ ନିଜ ଧର୍ମଗ୍ରନ୍ଥର ଆଢୁଆଳରେ ଛପି ଯିବ । ଏ ସୁବିଧାବାଦୀ ନୀତି ଛାଡ଼ିବାକୁ ପଡ଼ିବ । ସମସ୍ତଙ୍କ ପାଇଁ ଯେଉଁ ଆଇନ୍,ତମ ପାଇଁ ବି ସେହି ଆଇନ୍ । ଗୋଟିଏ ଦେଶ, ଗୋଟିଏ ଆଇନ୍ । ଆଇନ୍ ବାହାରକୁ ଯିଏ ଯିବ, ସମ୍ବିଧାନକୁ ଯିଏ ବେଖାତିର କରିବ, ଆଇନ୍ ର ଫାଶରେ ସେ ନିଶ୍ଚୟ ପଡ଼ିବ । ଆଇନ୍ ପାଖରେ ଜାତି ଜାତକ ଧର୍ମର ମାନେ କିଛି ନାହିଁ । ମୁଁ ଯଦି ଆଧୁନିକ ଯୁଗରେ ରହି ମେଡିଆଭାଲ ଯୁଗର ମାନସିକତା ଧରି ଜିଇଁବି ଓ ପରବର୍ତ୍ତୀ ପିଢ଼ିକୁ ସେହି ହିଂସ୍ରତା ଓ ପାପର ରାସ୍ତାରେ ଯିବାକୁ ଉତ୍ସାହିତ କରିବି , ତାହେଲେ ମୁଁ କଠୋର ଦଣ୍ଡ ପାଇବା ଦରକାର । ଏଠି ସଂଖ୍ୟା ଲଘୁ ବା ସଂଖ୍ୟା ଗରିଷ୍ଠତାର କିଛି ମାନେ ନାହିଁ ।ବ୍ୟକ୍ତିଗତ ଆକ୍ରୋଶ ଓ ପ୍ରତିଶୋଧ ପରାୟଣତା ସବୁବେଳେ ଅତ୍ୟନ୍ତ ହାନି କାରକ । ଏ ଦେଶର ଯୁବକ ଯୁବତୀ ଚ଼ାହାଁନ୍ତି ନିଯୁକ୍ତିର ସୁଯୋଗ, ଭଲ ରାସ୍ତା ଘାଟ, ଭଲ ଗମନାଗମନର ସୁବିଧା,ଭଲ ବିଦ୍ୟାଳୟ,ଭଲ ଗୁଣାତ୍ମକ ଶିକ୍ଷା ,ଭଲ ମେଡିକାଲ ଫେସିଲିଟି, ଦେଶର ସୁରକ୍ଷା ,ଶାନ୍ତି ଓ ପ୍ରଗତି । ମୋ ମତରେ କ୍ରୋଧ ଏକ ପଜିଟିଭ୍ ଶକ୍ତି । ଆମ ଭିତରେ ଯଦି କିଛି କ୍ରୋଧ ଅଛି ଆମେ କ୍ରୋଧରୁ ଉତ୍ପନ୍ନ ଶକ୍ତିକୁ ପଜିଟିଭ୍ ଉପାୟରେ ଠିକ୍ ଭାବରେ ବିନିଯୋଗ କଲେ, ମଣିଷ ଉପରେ ନରାଗି ଦୀର୍ଘକାଳ ଧରି ସମାଧାନ ହୋଇ ପାରି ନଥିବା ଇସୁ ଗୁଡିକ ଉପରେ ଆମ କ୍ରୋଧର ଶକ୍ତିକୁ ବିନିଯୋଗ କରି ପାରିଲେ , ଖୁବ୍ ଶୀଘ୍ର ଅନେକ ସମସ୍ୟାର ସମାଧାନ ହେଇଯିବ ଓ ଏ ପବିତ୍ର ଭାରତବର୍ଷର ପ୍ରଗତିର ଗତି ତୀବ୍ରତର ହେବ । ଏଥିପାଇଁ ସବୁ ପିଲାଙ୍କ ପାଇଁ ପ୍ରଥମରୁ ଉତ୍ତମ ଆଧୁନିକ ଉପଯୋଗୀ ଶିକ୍ଷା ପଦ୍ଧତି ଠିକ୍ ହେବା ନିହାତି ଜରୁରୀ । ଏହା ଦ୍ୱାରା ପିଲା କେଉଁଟା ଭୁଲ୍ କେଉଁଟା ଠିକ୍ ନିଜେ ବୁଝି ପାରିବ ଓ ଜଣେ ସଚ୍ଚ଼ା ଦେଶପ୍ରେମୀ ହେବ । ଧର୍ମ ନାମରେ ମୌ ।ଳବାଦୀ ଶିକ୍ଷା ଦେଲେ , ପିଲାର ପ୍ରକୃତ ମାନସିକ ବିକାଶ ହେବା ଅସମ୍ଭବ । ପିଲାବେଳୁ ଆମ ପିଲାମାନେ ଯଦି ଠିକ୍ ଶିକ୍ଷା ପାଇବେ ତାହେଲେ ଆଉ କାହାକୁ ଅନ୍ୟର କ୍ଷତି କରିବା ପାଇଁ ପନ୍ଦର ମିନିଟ ବା ପନ୍ଦର ସେକେଣ୍ଡର ଚ଼ିନ୍ତାଧାରା ଆପେ ମନରୁ କୁଆଡେ ଉଭେଇ ଯିବ ଓ ଭାରତ ଅର୍ଥ , ସଂସ୍କୃତି, ସଂସ୍କାର, ସୁରକ୍ଷା ,ସମ୍ମାନ, ସ୍ୱାଭିମାନ ସବୁ ଦୃଷ୍ଟିକୋଣରୁ ବିଶ୍ୱରେ ଏକ ନମ୍ବର ରାଷ୍ଟ୍ରର ମର୍ଯ୍ୟାଦା ପାଇବ । ପୁରାତନ ପ୍ରସ୍ତର ଯୁଗର ଶିକ୍ଷାକୁ ଧରି କୂଅ ଭିତରେ ବେଙ୍ଗ ପରି ରହି ଜୀବନ ଜିଇଁ ଅଯଥାରେ ନିପଟ ମଫସଲର ଅଶିକ୍ଷିତ ଅଭଦ୍ର ନିରକ୍ଷର ସଂସ୍କାର ବିହୀନ ସ୍ତ୍ରୀ ଲୋକଟିଏ ଭଳି ଝଗଡ଼ା କଲେ, ଦୁରଦୃଷ୍ଟି ବିହୀନ ହେଲେ, ପରିସ୍ଥିତି ନିୟନ୍ତ୍ରଣାଧୀନ ବାହାରକୁ ଯିବ । ଆଉ ସେତେବେଳେ ସମାଜରେ ଯେଉଁ ଦୁଷ୍ଟ ପ୍ରକୃତିର ଲୋକ ନିଜକୁ ଧର୍ମର ଠିକାଦାର ବୋଲି ଭାବୁଛନ୍ତି, ସେହି ହିଂସ୍ର ଜଙ୍ଗଲି ପଶୁ ମାନଙ୍କର ଅବସ୍ଥା କ'ଣ ହେବ , ତାହା ସମୟ କହିବ । ଈଶ୍ୱର କରନ୍ତୁ, ଏମିତି ପଶୁ ମାନଙ୍କ ଭିତରେ ସଦବୁଦ୍ଧି ଜାଗ୍ରତ ହେଉ ଓ ସେମାନେ ପ୍ରକୃତ ଧର୍ମର ଅର୍ଥ ବୁଝନ୍ତୁ । ହିନ୍ଦୁ ସଭ୍ୟତାରେ ବିଶ୍ୱାସ କରୁଥିବା ମଣିଷ ମାନେ ସର୍ବ ଧର୍ମର ସମନ୍ୱୟରେ ବିଶ୍ୱାସ କରନ୍ତି । ଅନ୍ୟ କୋ ?ଣସି ଧର୍ମର ପୁରୋଧା ମାନଙ୍କ ପାଟିରୁ ଏମିତି ଅମୃତ ବାଣୀ କାହିଁ କେବେ ଶୁଣାଯାଏନି ତ ? ଏକ ତରଫା ସର୍ବ ଧର୍ମର ସମନ୍ୱୟ କେବେ ସମ୍ଭବ ନୁହେଁ ସବୁଦିନ ପାଇଁ । ଅନ୍ୟ ଧର୍ମାବଲମ୍ବୀ ମାନେବି ସେମାନଙ୍କ କର୍ତ୍ତବ୍ୟ ସୂଚ଼ାରୁରୂପେ ପାଳନ କରିବା ଜରୁରୀ ଏକତା ଓ ଗଙ୍ଗା ଯମୁନା ସରସ୍ୱତୀର ଚ଼ିରନ୍ତନ ମିଳନ ପାଇଁ ।

*ବାସୁଦେବପୁର,ଭଦ୍ରକ, ଦୂରଭାଷ ୯୪୩୭୩୨୦୩୫୦*




# କୃଷି ଦୁନିଆ

## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୌଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

## ବିନା ମାଟିରେ ଚାଷ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ୁଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*





ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୂର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

## ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।
ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ଓ୍ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



## ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ଼ାହିଦା ମଧ୍ୟ ରହିଛି ଏଣୁ ଜଳ ସେଚ଼ନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ଼ାଷ କଲେ ଚ଼ାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚ଼ାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ଼ାଷ କରୁଥିଲେ ସର୍ବଦା ବଜାର ଚ଼ାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ଼ାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ଼ାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚ଼ାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ଼ୟନ ଏବଂ ଖାଦ୍ୟ ସାର ପରିଚ଼ାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନ୍ୱିତ ଖାଦ୍ୟ ସାର ପରିଚ଼ାଳନା କଲେ ଚ଼ାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧. ସଠିକ୍ ବିହନ ଚ଼ୟନ**

ଗାଁ ଗହଳି ରେ ଚ଼ାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚ଼ାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ଼ୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨. ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ଼ାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ଼ାଷକରି ଅନାବନା ଘାସ ବାଚ଼ିଛି ୩ ରୁ ୪ ଫୁଟ ଚ଼ଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା



ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ଼ାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ଼ିତ ।

**୪.ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ – ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ଼ୟନ କରିବା ଆବଶ୍ୟକ।

୧.ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨.ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ଼ାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରେମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରରେ କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

## ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ବଳି ପଡୁଛି ଅନେକ ମୂଲ୍ୟବାନ୍ ବୃକ୍ଷ

ଜେନାପୁର,(ପି.ଏନ୍) : 'ବୃକ୍ଷ ହିଁ ଜୀବନ' ଆଜିର ସମାଜରେ ପ୍ରକୃତିର ସୌନ୍ଦର୍ଯ୍ୟ ପୂର୍ଣ୍ଣ ବାତାବରଣ ଓ ବଞ୍ଚିବା ପାଇଁ ଅମ୍ଳଜାନ ବୃକ୍ଷ ଠାରୁ ହିଁ ମିଳିଥାଏ । ଅନେକ କ୍ଷେତ୍ରରେ ଦେଖିବାକୁ ଗଲେ ବୃକ୍ଷ ପାଇଁ ନଦୀ ପାର୍ଶ୍ୱରେ ଥିବା ବନ୍ଧ ଗୁଡିକ ବର୍ଷା ଦିନେ ବନ୍ୟାର ଦାୟରୁ ରକ୍ଷା ମିଳିଥାଏ । କିନ୍ତୁ ଅସମାଜିକ ବ୍ୟକ୍ତିଦ୍ୱ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟକୁ ଦେଖାଇ ଠିକାଦାର ମୂଲ୍ୟବାନ୍ ବୃକ୍ଷଗୁଡିକୁ ବଳି ପକାଉଛନ୍ତି । ଯାହା ଫଳରେ ବର୍ଷା ଦିନେ ନଦୀବନ୍ଧ ରାସ୍ତା ଧୋଇଯିବା ସହ ବନ୍ୟା ସୃଷ୍ଟି ହେବାର କାରଣ ହୋଇଥାଏ । ସେହିପରି ଧର୍ମଶାଳା ବ୍ଲକ୍ କବାଟବନ୍ଧ ଠାରୁ ମଞ୍ଜୁରୀପଡ଼ା ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା କାମକୁ ନେଇ ଜନସାଧାରଣ ମନରେ ଅସନ୍ତୋଷ ସୃଷ୍ଟି ହେବା ସହ କାର୍ଯ୍ୟ ବନ୍ଦ ଲାଗି ରହିଛି ଓ ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ପ୍ରଶସ୍ତିକରଣ କାମ ଚାଲୁ ରହିଛି ଓ କିନ୍ତୁ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏଠାରେ ବହୁ ମୂଲ୍ୟବାନ୍ ବୃକ୍ଷ କାଟି ଦିଆଯାଇଥିବା ଦେଖିବାକୁ ମିଳିଛି ।


Format C-7
(For Political Party to publish in website, newspapers, TV)

Information regarding individuals with pending criminal cases who have been selected as candidates along with the reasons for such selection as also as to why other individuals without criminal antecedents could not be selected as candidates

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition(c) no. 2192 of 2018 in WP(c) no. 536 of 2011)

**Name of the Political Party** Independent (I.D.)

**Name of the Election** General Election – 2024

**Name of State/UT** Odisha

(1) *Name of the Constituency-67-Patnagarh*

*Name of the Candidate-Laba Sunai*

| Sl.no. | | | |
|---|---|---|---|
| 1. | Criminal antecedents | | |
| | a. | Nature of the Offences | Criminal |
| | b. | Case no. | 25/23 u/s 143/ equivalent 294/506 [illegible] |
| | c. | Name of the Court | SDJM, Sonepur SDJM, Patnagarh |
| | d. | Whether charges have been framed or not (Yes/No) | No |
| | e. | Date of conviction, if any | No |
| | f. | Details of punishment undergone, if any | No |
| | g. | Any other information required to be given | No |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of candidate, and not mere "winnability" at the polls (not more than 100 words) | | |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | |

(2) *Name of the Constituency-67-Patnagarh*

*Name of the Candidate-Laba Sunai*

........................................ and so on.

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

(Laba Sunai)

Signature of Candidate ........................

## ମଧ୍ୟ ଭୁବନେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର

ଭୁବନେଶ୍ୱର,(ପି.ଏନ): ଆଜି ଅପରାହ୍ନରେ ମଧ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଶ୍ରୀ ପ୍ରକାଶ ଜେନା ୟୁନିଟ-୮ ସ୍ଥିତ ଡିଏଭି ସ୍କୁଲ ସମ୍ମୁଖରୁ ପ୍ରଚାର ରାଲିରେ ପଦ ଯାତ୍ରା ଆରମ୍ଭ କରି ନୂଆସାହି, ବ୍ରିଟ କଲୋନୀ, ଦେବରାୟ କଲେଜ ଅଂଚଳ, ଗଡ଼ସାହି, ବେହେରାସାହି, ଗୋଲାପ ରିସୋର୍ଟ ଅଂଚଳ, କଳିଙ୍ଗ ଷ୍ଟାଡିୟମ ଅଂଚଳ ବୁଲି ଭୋଟରମାନଙ୍କୁ ଭୋଟ ଭିକ୍ଷା କରିଥିଲେ। ସାଧାରଣ ଜନତାଙ୍କୁ ସାକ୍ଷାତ କରି କଂଗ୍ରେସର ଗ୍ୟାରେଂଟି କାର୍ଡ ବାଂଟିଥିଲେ। ଶ୍ରୀ ଜେନାଙ୍କୁ ଏହି ଜନସମ୍ପର୍କ ଯାତ୍ରାରେ ସାଧାରଣ ଭୋଟରଙ୍କର ବିପୁଳ ସ୍ନେହ ଶ୍ରଦ୍ଧା ମିଳିଥିଲା। ଏହି କାର୍ଯ୍ୟକ୍ରମରେ



ପ୍ରଶନ୍ନ ନାୟକ, ସୁରଜ ରାଉତ, ମୋହନ ଜେନା ଗାନ୍ଧୀ, ସୂର୍ଯ୍ୟକାନ୍ତ ଜେନା, ଅନୁୱର ଖାନ, ମାମିନା ବେହେରା, ରଞ୍ଜୟ କୁମାର ମହାରଣା, କୁଳମଣି ସାହୁ ଓ କୈଳାସ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।




ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ



## ନିର୍ବାଚନକୁ ପ୍ରଭାବିତ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାରଙ୍କର ଜାଲି ଦସ୍ତଖତ ସମ୍ବଳିତ ଚିଠିକୁ ପ୍ରସ୍ତୁତ କରି ନିଜର ସୋସିଆଲ ମିଡିଆ ଆକାଉଂଟରେ ପୋଷ୍ଟ କରିବା ଘଟଣାକୁ ନେଇ ହରଡ଼ ଘଣାରେ ବିଜେଡି ନେତା ଅର୍କେଶ ସିଂହଦେଓ

ଭୁବନେଶ୍ୱର, (ପି.ଏନ): ବିଜେଡ଼ି ନେତା ତଥା ବଲାଙ୍ଗିର ବିଧାନସଭା ଆସନରେ ବିଜେଡ଼ି ପ୍ରାର୍ଥୀ ଥିବା କଳିକେଶ ସିଂହଦେଓଙ୍କ ଭାଇ ଅର୍କେଶ ସିଂହଦେଓଙ୍କ ଦ୍ୱାରା ନିର୍ବାଚନକୁ ପ୍ରଭାବିତ କରିବାପାଇଁ ପ୍ରସ୍ତୁତ କରାଯାଇଥିବା ଏକ ଜାଲ୍ ଦସ୍ତଖତ ସମ୍ବଳିତ ଚିଠିକୁ ନେଇ ହରଡ଼ଘଣାରେ ପଡ଼ିଛି ବିଜୁ ଜନତା ଦଳ। ଓଡ଼ିଶା ପିସିସି ପ୍ରଭାରୀ ଡ. ଅଜୟ କୁମାରଙ୍କର ଲେଟର ହେଡକୁ ଜାଲ କରି ଏକ ମିଥ୍ୟା ଚିଠି ପ୍ରସ୍ତୁତ କରିବା ଏବଂ ସେଥିରେ ଡ. ଅଜୟ କୁମାରଙ୍କର ଜାଲ ଦସ୍ତଖତ କରି ତା. ୧୬.୫.୨୦୨୪ ସମୟ ସନ୍ଧ୍ୟା ଘ.୬.୩୫ ମି. ରେ ନିଜର ସୋସିଆଲ ମିଡିଆ ଆକାଉଂଟରେ ପୋଷ୍ଟ କରିବା ଘଟଣାକୁ ପ୍ରଦେଶ କଂଗ୍ରେସ ତରଫରୁ କଡ଼ା ଶବ୍ଦରେ ନିନ୍ଦା କରାଯିବା ସହିତ ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ବିଜେଡ଼ି ନେତା ଅର୍କେଶ ସିଂହଦେଓଙ୍କ ସୋସିଆଲ ମିଡିଆ ଆକଉଂଟରେ ପୋଷ୍ଟ କରାଯାଇଥିବା ଉକ୍ତ ଚିଠିରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ବିରୁଦ୍ଧରେ ମିଥ୍ୟା କପୋଳକଳ୍ପିତ ଅଭିଯୋଗ ଆଣିବା ଏବଂ ବ୍ୟକ୍ତିଗତ ସ୍ତରକୁ ଯାଇ କୁତ୍ସାରଟନା କରିବା ସହିତ ଚଳିତ ନିର୍ବାଚନକୁ ପ୍ରଭାବିତ କରିବାପାଇଁ କରାଯାଉଥିବା ହୀନ ଉଦ୍ୟମକୁ ଦୃଢ଼ ନିନ୍ଦା କରାଯାଇଥିଲା। ଏହାକୁ ନେଇ ଆଜି ପ୍ରଦେଶ କଂଗ୍ରେସର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଡ. ବିଶ୍ୱରନ ମହାଁ, ସାଧାରଣ ସମ୍ପାଦକ ତରୁଣକାଂ ମିଶ୍ର, ସାରଦା ପ୍ରଧାନ, ବରିଷ୍ଠ ନେତା ମନୋରନ ଦାଶ, ପିସିସି ଗଣମାଧ୍ୟମ ବିଭାଗ ସମ୍ପାଦକ ପ୍ରଶାଂ ଶତପଥି, ମୁଖପାତ୍ର ନଳିନୀକାଂ ନାୟକ, ଶୁଭେନ୍ଦୁ ମଲ୍ଲିକ, ସଂଗ୍ରାମ ମାଝୀ ପ୍ରମୁଖଙ୍କ ଦ୍ୱାରା ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦେଖାକରି ଲିଖିତ ଅଭିଯୋଗ ପ୍ରଦାନ କରିବା ସହିତ ନିର୍ବାଚନକୁ ପ୍ରଭାବିତ କରିବାପାଇଁ ଉଦ୍ୟମ କରୁଥିବା ବିଜେଡ଼ି ନେତା ଅର୍କେଶ ସିଂହଦେଓଙ୍କ ଗିରଫଦାରୀ ଦାବି କରିଥିଲେ। ଏ ସନ୍ଦର୍ଭରେ ଭୁବନେଶ୍ୱର ସ୍ଥିତ ସାଇବର ଥାନାରେ ମଧ୍ୟ ଏକ ଅଭିଯୋଗ (ଏଫଆଇଆର) ପତ୍ର ଦାଖଲ କରାଯାଇଛି ଏବଂ ଏଭଳି ସାଇବର କ୍ରାଇମର ମୁଖ୍ୟ ଅଭିଯୁକ୍ତ ଅର୍କେଶ ସିଂହଦେଓଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରାଯାଇଛି।

## ସ୍ୱଲୋଗ : ଅବକାରୀ ବିଭାଗ ପକ୍ଷରୁ ଚ଼ଢାଉ, ଦୁଇ ଜଣ ବେପାରୀ ଗିରଫ

ବାସୁଦେବପୁର ,(ପି.ଏନ): ବାସୁଦେବପୁର ଥାନା ଅନ୍ତର୍ଗତ ନୁଆଗାଁ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚ଼ଢାଉ କରିବା ସହିତ ଚୋରା ମଦ ବେପାରୀ ଦୁଇ ଜଣଙ୍କୁ ଗିରଫ କରିଛି। ସୂଚ଼ନା ଅନୁଯାୟୀ ୭୦ ଲିଟର ହାତ ରନ୍ଧା ଦେଶୀ ମଦ ଜବତ କରିବା ସହିତ ନୁଆଗାଁର ଦୁଇ ଜଣ ବେପାରୀ ଗଙ୍ଗାଧର ମଳିକ ଓ ନବଘନ ମଳିକଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଦୁଇ ଜଣଙ୍କ ନାମରେ ଭିନ୍ନ ଭିନ୍ନ ଦୁଇଟି ମାମଲା ରୁଜୁ କରାଯାଇ ପି.ଆର. ନଂ ୨୩/୨୪ ଓ ପି.ଆର. ନଂ ୨୪/୨୪ ରେ ସେମାନଙ୍କୁ କୋର୍ଟ ଚ଼ାଲାଣ କରାଯାଇଛି। ଏହି ଚ଼ଢାଉ ସମୟରେ ବାସୁଦେବପୁର ଅବକାରୀ ବିଭାଗ ର ଏସ.ଆଇ. ନଟବର ମଲ୍ଲିକ, ଏ.ଏସ.ଆଇ. ନନ୍ଦୁ ନାୟକ, ସତ୍ୟରଞ୍ଜନ ସେଠୀ, ଖଗେଶ୍ୱର ଜେନା, ମନୋରଞ୍ଜନ ଜେନାଙ୍କ ସମେତ ସୁଭଦ୍ରା ବାରିକ ଉପସ୍ଥିତ ଥିଲେ।

## ବିଷ୍ଣୁ ବ୍ରତଙ୍କ ମାରାଥନ ନିର୍ବାଚ଼ନ ପ୍ରଚ଼ାର



ବାସୁଦେବପୁର,(ପି.ଏନ): ଆରମ୍ଭ ହୋଇ ଯାଇଛି ନିର୍ବାଚ଼ନୀ ପ୍ରଚ଼ାର ଓ ସଭା କାର୍ଯ୍ୟ କର୍ମ। ବାସୁଦେବପୁର ରେ ମଧ୍ୟ ଦେଖିବାକୁ ମିଳୁଛି ବିଭିନ୍ନ ପ୍ରାର୍ଥୀଙ୍କ ଶୋଭାଯାତ୍ରା ଓ ପ୍ରଚ଼ାର କାର୍ଯ୍ୟ କର୍ମ। ବିଜେଡ଼ି ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତ ରାୟ ବାସୁଦେବପୁର ରେ ଆରମ୍ଭ କରି ଦେଇଛନ୍ତି ମାରାଥନ ବୈଠକ ଓ ସଭା କାର୍ଯ୍ୟ କର୍ମ। ବିଭିନ୍ନ ପଞ୍ଚାୟତ କୁ ମାରାଥନ ଗସ୍ତ କରି ବିଜେଡ଼ି ସପକ୍ଷ ରେ ଭୋଟ ପାଇଁ ନିବେଦନ କରୁଛନ୍ତି। ନବୀନ ପଟ୍ଟନାୟକ ଙ୍କ ସଫଳ ଯୋଜନା ମାନ ଲୋକ ମାନଙ୍କ ପାଖରେ ଆଲୋଚ଼ନା କରିବା ସହ ବାସୁଦେବପୁର ରେ ବହୁ ଉନ୍ନତି ମୂଳକ କାର୍ଯ୍ୟ କଥା କହି ଭୋଟ ନିବେଦନ କରୁଛନ୍ତି ବିଷ୍ଣୁ ବ୍ରତ ରାଉତ ରାୟ। ତାଙ୍କ ସହ ବିଜେଡ଼ି ନେତା ଅସିତ୍ କୁମାର ଦାସ ମଧ୍ୟ ଉପସ୍ଥିତ ରହି ବିଜେଡ଼ି ସରକାର ଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ କଥା କହୁଛନ୍ତି।ଏହି କ୍ରମ ରେ ଶୁକ୍ର ବାର ନୂଆ ଗାଁ, ଶାଶୁ ଭୁଆସୁଣୀ, ରାଜ ଘୋର ପୋଖରୀ ପଞ୍ଚାୟତ ରେ ନିର୍ବାଚ଼ନୀ ସଭା କରି ଭୋଟ ପାଇଁ ନିବେଦନ କରିଛନ୍ତି ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତ ରାୟ ଓ ବିଜେଡ଼ି ନେତା ଅସିତ୍ କୁମାର ଦାସ। ବିଭିନ୍ନ ସ୍ଥାନ ରେ ମିଶ୍ରଣ ପର୍ବ କରି ଅନ୍ୟ ଦଳ ର କର୍ମୀ ମାନଙ୍କୁ ମଧ୍ୟ ବିଜେଡ଼ି ରେ ମିଶାଇ କରୁଛନ୍ତି ସଂଗଠନ କୁ ମଜବୁତ୍।

## ପଶ୍ଚିମ ଓଡ଼ିଶାରେ ପୁରନ୍ଦର ମିଶ୍ରଙ୍କର ତୋଫାନୀ ପ୍ରଚ଼ାର



ଭୁବନେଶ୍ୱର,(ପି.ଏନ): ରାୟପୁର ନଗର ଉତ୍ତରର ବିଧାୟକ ଏବଂ ଓଡ଼ିଶା ନିର୍ବାଚ଼ନରେ ଭାରତୀୟ ଜନତା ପାର୍ଟିର ସହପ୍ରଭାରୀ ପୁରନ୍ଦର ମିଶ୍ର ପଶ୍ଚିମ ଓଡ଼ିଶାରେ ଦଳୀୟ ପ୍ରାର୍ଥୀ ମାନଙ୍କ ପାଇଁ ତୋଫାନୀ ପ୍ରଚ଼ାରରେ ଲାଗିଥିବା ଜଣାଯାଇଛି।ଶ୍ରୀ ମିଶ୍ର ସମ୍ବଲପୁରର ରେଙ୍ଗାଲୀ ବିଧାନସଭା ନିର୍ବାଚ଼ନ ମଣ୍ଡଳୀ ଅନ୍ତର୍ଗତ ଠେମରା ଓ ଡୁଙ୍ଗୁରିପଡା ଠାରେ ଏକ ନିର୍ବାଚ଼ନୀ ସଭାରେ ଭାଷଣ ଦେଇ ଲୋକସଭା ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଧାନସଭା ପ୍ରାର୍ଥୀ ନାଉରି ନାୟକଙ୍କ ସପକ୍ଷରେ ବିପୁଳ ସଂଖ୍ୟାରେ ଭୋଟଦାନ କରିବାକୁ ନିବେଦନ କରିଥିଲେ। ବିଜୁ ଜନତା ଦଳର ସରକାର ଦୀର୍ଘ ୨୪ ବର୍ଷ କାଳ ଶାସନ କରିବା ପରେ ମଧ୍ୟ, ଏଠାକାର ଗ୍ରାମବାସୀମାନଙ୍କ ପାଇଁ ଶୌଚ଼ାଳୟ ନଥିବା ଏବଂ ସ୍ନାନ କରିବା ସକାଶେ ପାଣିର ଘୋର ସଙ୍କଟ ରହିଥିବା ବିଷୟ ଲୋକମାନେ ଅଭିଯୋଗ କରିଥିଲେ। ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠା ହେଲେ ତୁରନ୍ତ ଗ୍ରାମବାସୀମାନଙ୍କର ଏହି ମୌଳିକ ସମସ୍ୟା ଗୁଡିକ ସମାଧାନ କରାଯିବ ବୋଲି ଶ୍ରୀ ମିଶ୍ର ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଓଡ଼ିଶା ପ୍ରାକୃତିକ ପ୍ରାଚୁର୍ଯ୍ୟରେ ଭରପୁର ହୋଇଥିଲେ ସୁଦ୍ଧା ଶାସକ ବିଜେଡି ସରକାର ଗରିବୀ ଓ ବେକାରୀ ସମସ୍ୟାକୁ ଦୂର କରିବା ପାଇଁ କିଛି କରିନଥିବା ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ। ରାଜ୍ୟର ଅସ୍ମିତା ବର୍ତ୍ତମାନ ବିପଦାପନ୍ନ ହୋଇଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ବିଜେପି ସରକାର କ୍ଷମତାକୁ ଆସିଲେ ଧାନ କ୍ୱିଣ୍ଟାଲ ପିଛା ୩୧୦୦/ଟଙ୍କା, ମହିଳାମାନଙ୍କୁ ସୁଭଦ୍ରା ଯୋଜନା ଅଧୀନରେ ମାସକୁ ୩୦୦୦/- ଟଙ୍କା ଏବଂ ରାଜଧାନୀ ଭୁବନେଶ୍ୱରରୁ ରାଜ୍ୟର ଦୂରଦୁରାନ୍ତ ଅଞ୍ଚଳ ଗୁଡିକୁ ପ୍ରାୟ ୭୫ହଜାର କିଲୋମିଟର ଦୀର୍ଘ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ରାସ୍ତା ନିର୍ମାଣ କରି ସଂଯୋଗ କରାଯିବ ବୋଲି ଶ୍ରୀ ମିଶ୍ର ଘୋଷଣା କରିଥିଲେ।ଏହି ସଭାରେ ବିଜେପିର ବରିଷ୍ଠ ନେତ୍ରୀ ନିବେଦିତା ନାୟକ ମଧ୍ୟ ଉଦବୋଧନ ଦେଇଥିଲେ ଓ ବରଗଡ଼ ଲୋକସଭା ଅନ୍ତର୍ଗତ ଭଟଲିଠାରେ ଏକ ବିଶାଳ ଜନସଭାକୁ ସମ୍ବୋଧନ କରି ଶ୍ରୀ ମିଶ୍ର, ଓଡ଼ିଶାରେ ଏବେ ପରିବର୍ତ୍ତନର ଲହରୀ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥିବା ପ୍ରକାଶ କରିଥିଲେ। ନରେନ୍ଦ୍ର ମୋଦୀଙ୍କୁ ଦେଶର ତୃତୀୟଥର ପାଇଁ ପ୍ରଧାନମନ୍ତ୍ରୀ ବନାଇବାକୁ ଓଡ଼ିଶାବାସୀ ଇଚ୍ଛୁକ ଥିବା ସେ ସୂଚ଼ାଇଥିଲେ।ବିଜେପିର ଘୋଷଣା ପତ୍ରକୁ ଲୋକମାନେ ବେଶ ପସନ୍ଦ କରୁଥିବା ଶ୍ରୀ ମିଶ୍ର ଜଣାଇଥିଲେ। ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଏହି ସଭାରେ ସାମିଲଥିବା ବିଧାନସଭା ପ୍ରାର୍ଥୀ ଇରାଶିଷ ଆଚ଼ାର୍ଯ୍ୟଙ୍କୁ ଜୟଯୁକ୍ତ କରିବାକୁ ପୁରନ୍ଦର ମିଶ୍ର ଉପସ୍ଥିତ ଥିବା ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସଭାରେ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ସାରଂଗଡ଼ର ପୂର୍ବତନ ବିଧାୟକ କେରାଭାଇ ମନହର,ମହାସମୁନ୍ଦର ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଛତର ସିଂହ ନାୟକ ଏବଂ ସରାଇପାଲିର କର୍ପୋରେଟର ସ୍ୱରଣ ସିଂହ ସାଲୁଜା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

## ବଂଶଧାରା କୂଳରେ କାଶୀନଗର ସହର, ତଥାପି ଲୋକଙ୍କୁ ମିଳୁନି ପିଇବା ପାଣି ଖରାଦିନେ ଲୋକେ ଡହଳବିକଳ



ପାରଳାଖେମୁଣ୍ଡି, ୧୭/୫(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା କାଶୀନଗର ସହରଟି ବଂଶଧାରା ନଦୀ କୂଳରେ ରହିଛି. ବଂଶଧାରାର ଜଳ ଯୋଗୁଁ ପଡୋଶୀ ଆନ୍ଧ୍ର ପ୍ରଦେଶରେ ଖରାଟିଆ ବିଭିନ୍ନ ଚ଼ାଷ ସହ ପନିପରିବା ଚ଼ାଷ ଆଦିରେ ଚ଼ାଷୀ ବିଶେଷ ଲାଭବାନ ହେଉଛନ୍ତି. ଏହି ନଦୀ ପାଣିରେ ଆନ୍ଧ୍ର ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ହେବା ସହ ଆନ୍ଧ୍ରରେ ଜଳ କ୍ଲିଷ୍ଟ ଶତାଧିକ ଗ୍ରାମକୁ ଏହି ନଦୀର ପାଣିକୁ ଆନ୍ଧ୍ରର ଗୋଟା ବ୍ୟାରେଜ ଜଳ ପ୍ରକଳ୍ପ ଠାରେ ଜଳକୁ ସଂରକ୍ଷଣ କରାଯାଇ ୨ ବେଳା ପିଇବା ପାଣି ଆନ୍ଧ୍ର ଲୋକଙ୍କୁ ଯୋଗାଇ ଦିଆଯାଉଛି ବୋଲି କାଶୀନଗର ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚ଼ନା ପ୍ରଦାନ କରି କହିଛନ୍ତି ଯେ, ଓଡିଶାରେ ବଂଶଧାରା ନଦୀ ୫୦ ରୁ ଉର୍ଦ୍ଧ ଭାଗ ଓଡ଼ିଶାର ରାୟଗଡ ଓ ଗଜପତି ଜିଲ୍ଲାରେ ପ୍ରବାହିତ ହେଉଛି. ଆନ୍ଧ୍ରରେ ମାତ୍ର ୧୫ ଭାଗରୁ କମ ପ୍ରବାହିତ ହେଉଥିଲେ ସୁଦ୍ଧା ଉପର ମୁଣ୍ଡରେ ଥିବା ଓଡ଼ିଶାର ଜଳକୁ ଆନ୍ଧ୍ର ପ୍ରକଳ୍ପ ନିର୍ମାଣ କରି ସଂରକ୍ଷଣ ଜଳକୁ ବିନିଯୋଗ କରୁଛନ୍ତି. ଏହାଦ୍ୱାରା ଆନ୍ଧ୍ର ଚ଼ାଷୀ ଓ ଜଳ କ୍ଲିଷ୍ଟ ଶତାଧିକ ଗ୍ରାମବାସୀ ଉପକୃତ ହେଉଥିବାବେଳେ ଓଡ଼ିଶାର ଚ଼ାଷୀ ଓ କୃଷକ ବଂଶଧାରା ନଦୀ ଦ୍ୱାରା ଖରା ଦିନରେ କୌଣସି ଭାବେ ଉପକୃତ ହେଉନଥିବା ବେଳେ ବର୍ଷାଦିନେ ଆନ୍ଧ୍ରର ପ୍ରକଳ୍ପ ଗୋଟା ବ୍ୟାରେଜ ଠାରେ ଗେଟ ପକାଇ ଜଳକୁ ସଂରକ୍ଷଣ କରିବା ଯୋଗୁଁ ଉପର ମୁଣ୍ଡରେ ଥିବା ବର୍ଷା ଜଳ ନଦୀରେ ଅଧିକରୁ ଅଧିକ ପ୍ରବାହିତ ହୋଇ ଆନ୍ଧ୍ର ଯୋଗୁଁ କୃତ୍ରିମ ବନ୍ୟା ଦେଖା ଯିବା ସହ ଓଡ଼ିଶାର କାଶୀନଗର ଓ ଗୁଣୁପୁର ଅଞ୍ଚଳରେ ଅନେକ ଗ୍ରାମରେ ବନ୍ୟା ଯୋଗୁଁ ଲୋକଙ୍କ ଧନ ଜୀବନ ବିପନ୍ନ ହେବା ସହ ଶହ ଶହ ଏକର ଚ଼ାଷ ଜମିରେ ବନ୍ୟା ଯୋଗୁଁ ଫସଲ ନଷ୍ଟ ହେବା ସହ ବାଲି ଚ଼ର ମାଡି ଯାଉଛି. ଏଭଳି ଭାବେ ଓଡିଶାର ଗଜପତି ଓ ରାୟଗଡ଼ ଜିଲ୍ଲାର ଗୁଣୁପୁର ଅଞ୍ଚଳର ଲୋକେ ବିଗତ ୧୯୮୦ ମସିହାରୁ ବଂଶଧାରା ନଦୀ ଦ୍ୱାରା ଏଭଳି କ୍ଷତି ସହି ଆସୁଥିବାବେଳେ ଆନ୍ଧ୍ର ଚ଼ାଷୀ ଓ ଜନ ସାଧାରଣ ବେଶ ଉପକୃତ ହେଉଛନ୍ତି. ବର୍ତ୍ତମାନ କାଶୀନଗର ସହରରେ ପାଣି ସମସ୍ୟା ଉତ୍କଟ ହେବାରେ ଲାଗିଛି। କାଶୀନଗର ବ୍ଲକ କଲୋନୀରେ ଗତ ତିନି ମାସ ଧରି ପାଣି ସମସ୍ୟା ରହିଥ?ବା ବେଳେ ସମସ୍ୟାର ସମାଧାନ ହେଉ ନ ଥିବା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକେ ବାରମ୍ବାର ସମସ୍ୟା ଜଣାଇବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଲୋକେ କହିଛନ୍ତ। ଉକ୍ତ ଅଞ୍ଚଳରେ ବହୁ ସରକାରୀ କର୍ମଚ଼ାରୀ ଓ ସାଧାରଣ ଲୋକେ ବସବାସ କରୁଛନ୍ତି ଝ ପାଣି ନ ପାଇ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଝ ଲୋକମାନେ ବହୁବାର ସ୍ଥାନୀୟ ୱାର୍ଡ କାଉନସିଲର, ପିଏଚ଼ଡି ବିଭାଗକୁ ଓ ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କରିବା ପରେ ବି ସମସ୍ୟାର ସମାଧାନ ହେଉନଥିବା ଯୋଗୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ସ୍ଥାନୀୟ ଲୋକେ ଗୁରୁବାର ହାଣ୍ଡି, ବାଲଟି ଧରି ବ୍ଲକ କଲୋନୀ ଯିବା ରାସ୍ତା ଅବରୋଧ କରିଥିଲେ। ଏଥିଯୋଗୁ ଉକ୍ତ ରାସ୍ତା ଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ କର୍ମଚ଼ାରୀ ଓ ଜନସାଧାରଣଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ତିନି ଘଣ୍ଟା ରାସ୍ତା ଅବରୋଧ କରିବା ପରେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅ ହଟିଥିଲା । ପିଏଚ଼ଡି ତରଫରୁ ଟ୍ୟାଙ୍କର ଯୋଗେ ଲୋକଙ୍କୁ ପାଣି ଯୋଗାଇ ଦିଆଯାଇଥିଲା । ଏ ନେଇ ସ୍ଥାନୀୟ ପ୍ରଶାସନ ଅତି ଶୀଘ୍ର ପାଣି ସମସ୍ୟାର ସମାଧାନ କରିବା ନେଇ ଦାବି ହେଉଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray